ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୨ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 NOVEMBER 2023

Vol.No. 34 ■ No. 306■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବର୍ଷିଲେ ସୁପ୍ରିମକୋର୍ଟ: ବିଜ୍ଞାପନ ପାଇଁ ଟଙ୍କା ଅଛି, କିନ୍ତୁ ସରକାରୀ ଯୋଜନା ପାଇଁ ନାହିଁ

ନୂଆଦିଲ୍ଲୀ, ୨୧/୧୧ : ଦିଲ୍ଲୀ ସରକାରଙ୍କ ଉପରେ ରାଗିଲେ ସୁପ୍ରିମକୋର୍ଟ। ରାପିଡ୍ ରେଳ ପ୍ରୋଜେକ୍ଟ ପାଇଁ ଟଙ୍କା ନ ଦେବାରୁ ସୁପ୍ରିମକୋର୍ଟ କେଜ୍ରିୱାଲ ସରକାର ଉପରେ ଆଜି ଜୋରଦାର ବର୍ଷିଛନ୍ତି। ବିଜ୍ଞାପନ ପାଇଁ ଟଙ୍କା ଅଛି। ହେଲେ ସରକାରୀ ଯୋଜନା ପାଇଁ କେଜ୍ରିୱାଲ ସରକାରଙ୍କ ପାଖରେ ଟଙ୍କା ନାହିଁ। ତୁରନ୍ତ ଏକ ସପ୍ତାହ ମଧ୍ୟରେ ୪୧୫ କୋଟି ଟଙ୍କା ସରକାର ଦିଅନ୍ତୁ। ନଚେତ୍ ବିଜ୍ଞାପନ ବଜେଟ୍ ଉପରେ ରୋକ୍ ଲଗାଇ ଟଙ୍କା ଆଦାୟ କରାଯିବ ବୋଲି କୋର୍ଟ କଡ଼ା ଭାଷାରେ କହିଛନ୍ତି। ଜୁଲାଇ ୨୪ ତାରିଖରେ ସୁପ୍ରିମକୋର୍ଟ ଆରଆରଟିଏସ୍ ପ୍ରୋଜେକ୍ଟ ପାଇଁ ଦିଲ୍ଲୀ ସରକାରଙ୍କୁ ୪୧୫ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟଙ୍କା ପୈଠକ କରିବାକୁ କୋର୍ଟ ଦିଲ୍ଲୀ ସରକାରଙ୍କୁ ଦୁଇ ମାସ ସମୟ ଦେଇଥିଲେ। ତେବେ କେଜ୍ରିୱାଲ ସରକାର ଆଜି ଯାଏ ଏହି ଟଙ୍କା ଦେଇନାହାନ୍ତି। ଏହାକୁ ନେଇ ଆଜି ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ କଡା ଭାଷାରେ ଭର୍ତ୍ସନା କରିଛନ୍ତି। କାହିଁକି ଦିଲ୍ଲୀ ସରକାର କୋର୍ଟଙ୍କ ଆଦେଶ ପାଳନ କରି ନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଯଦି ସପ୍ତାହ ଭିତରେ ଏହି ଟଙ୍କା ପୈଠ ନ କରାଯାଏ ତେବେ ସରକାରଙ୍କ ବିଜ୍ଞାପନ ବଜେଟ୍ ଉପରେ ରୋକ ଲାଗଇ ଦିଆଯିବ। ଏହି ବିଜ୍ଞାପନ ଟଙ୍କାକୁ ଜବତ କରି

ଏହି ପ୍ରୋଜେକ୍ଟରେ ଲଗାଯିବ ବୋଲି କୋର୍ଟ କହିଛନ୍ତି। ଆସନ୍ତା ୨୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ମୁତାବକ ଗତ ତିନି ବର୍ଷ ମଧ୍ୟରେ ଦିଲ୍ଲୀ ସରକାରଙ୍କ ବିଜ୍ଞାପନ ବଜେଟ୍ ୧୧୦୦ କୋଟି ଟଙ୍କା ଥିଲା। ତେବେ ଚଳିତ ବର୍ଷ ଏହି ବଜେଟ୍ ୫୫୦ କୋଟି ରହିଛି।

ଗୃହରେ କୋଶଳୀରେ କହିଲେ ନରସିଂହ: ରଣନୀତି ଚୂଡ଼ାନ୍ତ କଲେ ବିଜେଡି ଓ କଂଗ୍ରେସ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ବିଧାନସଭାର ଶୀତ ଅଧିବେଶନ ପାଇଁ ଆଜି ଶାସକ ବିଜେଡି ଓ ବିରୋଧୀ କଂଗ୍ରେସ ନିଜ ନିଜର ରଣନୀତି ଚୂଡ଼ାନ୍ତ କରିଛନ୍ତି । ଅଧିବେଶନର ପ୍ରଥମ ଦିନରେ ଗୃହରେ ସହମତିଭିତ୍ତିରେ ଉପବାଚସ୍ପତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନ ଉପବାଚସ୍ପତି ଦାୟିତ୍ୱ ସମ୍ଭାଳିଛନ୍ତି। ଏହାପରେ ଗୃହରେ ଦିଂବଗତ ସଦସ୍ୟମାନଙ୍କ ସମ୍ମାନରେ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଗୃହକୁ ବାଚସ୍ପତି ପୂର୍ବାହ୍ନ ୧୧ଟା ୩୩ମିନିଟରେ ଆସନ୍ତାକାଲି ସକାଳ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ତେବେ

ଶୋକ ପ୍ରସ୍ତାବ ଆଲୋଚନାବେଳେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଉଭୟ ଓଡ଼ିଆ ଓ କୋଶଳୀ ଭାଷାରେ ନିଜର ମତ ରଖିଥିବା ଦେଖିବାକୁ ମିଳିଛି । ଆଜି ଅଧିବେଶନର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ଶୋକ ପ୍ରସ୍ତାବ ଆଣିଥିଲେ । ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ପ୍ରଧାନ, ପୂର୍ବତନ ମୁଖ୍ୟ ସଚେତକ ଅଜୟ କୁମାର ଜେନା, ପୂର୍ବତନ ବିଧାୟକ ରବି ଦାସ, ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ

▶▶ପୃଷ୍ଠା ୭

ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ସବ୍-ଇନ୍ସପେକ୍ଟର

ବୌଦ୍ଧ, ୨୧/୧୧ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୌଦ୍ଧ ଜିଲ୍ଲା ବାଉଁସୁଣି ଥାନା ସବ୍-ଇନ୍ସପେକ୍ଟର ବିକ୍ରମ କିଶୋର ଦେହୁରୀ। ୧୫ ହଜାର ଲାଞ୍ଚ ନେଉଥିବା ବେଳେ ସେ ଧରାପଡ଼ିଛନ୍ତି। ଏକ ଜବତ ବାଇକ୍‌କୁ ଛାଡ଼ିବାକୁ ସେ ଫୋନ୍ ପେ'ରେ ଲାଞ୍ଚ ଅର୍ଥ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉକ୍ତ ଜବତ ଗାଡ଼ିକୁ ଛାଡ଼ିବା ପାଇଁ କୋର୍ଟ ଅନୁମତି ଦେଇଥିବା ସତ୍ତ୍ୱେ ସେ ଲାଞ୍ଚ ମାଗିଥିଲେ। ଏହି ଗାଡ଼ି ପାଇଁ ସେ ପୂର୍ବରୁ ମଧ୍ୟ ୨୦ ହଜାର ନେଇଥିବା ସୂଚନା ମିଳିଛି।

ଚୋର ସନ୍ଦେହରେ ନିସ୍ତୁକ ପିଟିଲେ ଲୋକେ: ୨ ଜଣଙ୍କ ମୃତ୍ୟୁ, ଜଣେ ଗୁରୁତର

ବରଗଡ଼, ୨୧/୧୧ (ନି.ପ୍ର): ଚୋରି କରିବାକୁ ଯାଇ ଗ୍ରାମବାସୀଙ୍କ ହାତରେ ଧରାପଡ଼ି ମାଡ଼ ଖାଇ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାହୁଟିକ୍ରାରେ। ମୃତ ଦୁଇ ଯୁବକ ହେଉଛନ୍ତି ବିଜୟ ବାଗ ଓ ବିକୁ ଜାଲ। ବିଜୟଙ୍କ ଘର ବରଗଡ଼ ସଦର ଥାନା ଅନ୍ତର୍ଗତ ପାଣ୍ଡରିପଥର ଗାଁରେ। ବିକୁଙ୍କ ଘର ସମ୍ବଲପୁରରେ। ସେହିପରି ଗୁରୁତର ଥିବା ଯୁବକ ଜଣଙ୍କ ହେଉଛନ୍ତି ପାଣ୍ଡରିପଥର ଗାଁର ସୁରତ କର୍ମୀ। ମିଳିଥିବା ସୂଚନା ଅନୁଯାୟୀ, ଘଟଣାଟି ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ ଘଟିଥିଲା। ବିଜୟ, ବିକୁ ଓ ସୁରତଙ୍କ ସମେତ ୪ ଜଣ ଯୁବକ ସାହୁଟିକ୍ରାକୁ ଯାଇଥିଲେ। ସେମାନଙ୍କୁ ହାବଭାବ ଦେଖି ସ୍ଥାନୀୟ ଲୋକେ ଚୋର ବୋଲି ସନ୍ଦେହ କରିଥିଲେ। ଲୋକେ ସେମାନଙ୍କୁ ଅଟକ ରଖିବା ବେଳେ ଜଣେ ଖସି ପଳାଇଥିଲେ। ହେଲେ ବିଜୟ, ବିକୁ ଓ ସୁରତଙ୍କୁ ଧରି ପକାଇଥିଲେ ଗ୍ରାମବାସୀ। ଲୋକେ ସେମାନଙ୍କୁ ଚୋର ସନ୍ଦେହରେ ପଚରାଉଚରା କରିବା ସହିତ ନିସ୍ତୁକ ମାଡ଼ ମାରିଥିଲେ। ଲୋକଙ୍କ ମାଡ଼ରେ ଘଟଣାସ୍ଥଳରେ ବିଜୟ ବାଗଙ୍କର ମୃତ୍ୟୁ ଘଟିଥିଲା। ପୁଲିସ୍ ବିକୁ ଓ ସୁରତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରଗଡ଼ ଟାଉନ୍ ହସ୍‌ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିକୁଙ୍କର ମୃତ୍ୟୁ ଘଟିଛି। ଗୁରୁତର ସୁରତଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ୍ ଘଟଣାର ତଦନ୍ତ କରୁଛି। ପୁଲିସ୍‌ର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଚାରି ଯୁବକ ଚୋରି କରିବା ଉଦ୍ଦେଶ୍ୟରେ ସେଠାକୁ ଯାଇଥିଲେ ବୋଲି ଜଣାପଡ଼ିଛି। ତେବେ ଲୋକମାନେ ଆଇନକୁ ନିଜ ହାତକୁ ନେବା କଥାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

ମାଟିର ଝିଅ ପାଇଁ ଆଜି ସାକାର ହେଲା ପ୍ରାୟ ୯୦ ବର୍ଷ ତଳର ସ୍ୱପ୍ନ

ମୟୂରଭଞ୍ଜ, ୨୧/୧୧ (ନି.ପ୍ର): ମାଟିର ଝିଅ ପାଇଁ ଆଜି ସାକାର ହେଲା ପ୍ରାୟ ୯୦ ବର୍ଷ ତଳର ସ୍ୱପ୍ନ। ବୋହୂ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେଲେ ବୋଲି ଏକ୍ସପ୍ରେସ୍ ଟ୍ରେନ୍ ଦେଖିଲେ ମୟୂରଭଞ୍ଜ ଶାଶୁଘର ଗାଁ ଅଞ୍ଚଳର ଲୋକେ। ଆଜି ରାଷ୍ଟ୍ରପତି ନିଜ ହାତରେ ଲୋକାର୍ପଣ କରିଛନ୍ତି ୨ଟି ଏକ୍ସପ୍ରେସ ଓ ଗୋଟିଏ ମେମୁ ଟ୍ରେନ୍। ଖାଲି ଲୋକାର୍ପଣ କଲେନି, ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କୁ ସାଙ୍ଗରେ ଟ୍ରେନରେ ବସାଇ ୩୨ କିଲୋମିଟର ଯାତ୍ରା କଲେ। ୧୯୩୨ ମସିହାରୁ ରେଳସେବା ମାନଚିତ୍ରରେ ଯୋଡ଼ି ହେବା ସହ କେବଳ ପାସେଞ୍ଜର ଟ୍ରେନରେ

ଯାତ୍ରା କରୁଥିଲେ ମୟୂରଭଞ୍ଜର ବାଦାମପାହାଡ଼ବାସୀ। ଆଜିଠୁ କିନ୍ତୁ ବାଦାମପାହାଡ଼ରୁ ରାଉରକେଲା ଏବଂ ସାଲିମାରକୁ ୨ଟି ଏକ୍ସପ୍ରେସ ସହ ଟାଟାନଗରକୁ ଗୋଟିଏ ମେମୁରେ ବସି ଯାତ୍ରା କରିବାର ସୁଯୋଗ ପାଇଛନ୍ତି। ରାଜ୍ୟପାଳ ରଘୁବର ଦାସଙ୍କ ସହ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ ଓ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଉପସ୍ଥିତିରେ ପତାକା ଦେଖାଇ ଏହି ଟ୍ରେନ ସେବାର ଶୁଭାରମ୍ଭ କରିଥିଲେ ରାଷ୍ଟ୍ରପତି

▶▶ପୃଷ୍ଠା ୭

ନ୍ୟାସନାଲ ହେରାଲ୍ଡ ମାମଲା: ୭୫୨ କୋଟି ଟଙ୍କାର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ, ୨୧/୧୧ : ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଜି ଏହି ମାମଲାରେ ଇଡି କମ୍ପାନୀ ସହ ଜଡ଼ିତ ୭୫୨ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଦିଲ୍ଲୀରେ ଥିବା ନ୍ୟାଶନାଲ ହେରାଲ୍ଡ ଘର, ଲକ୍ଷ୍ନୌରେ ଥିବା ନେହରୁ ଭବନ ଓ ମୁମ୍ବାଇର ଥିବା ନ୍ୟାଶନାଲ ହେରାଲ୍ଡ ଘର ଜବତ ହୋଇଥିବା ତାଲିକାରେ ରହିଛି। ନ୍ୟାଶନାଲ ହେରାଲ୍ଡ ଖବରକାଗଜର ପ୍ରକାଶନ ସଂସ୍ଥା ଏଜେଏଲ୍। ଏହା ଏବେ 'ୟଙ୍ଗ ଇଣ୍ଡିଆ' ଅଧୀନରେ ରହିଛି। ଏହି ୟଙ୍ଗ ଇଣ୍ଡିଆରେ କଂଗ୍ରେସର ରାହୁଲ ଗାନ୍ଧି, ମା' ସୋନିଆ ଗାନ୍ଧି ଓ ଓସ୍କାର ଫର୍ଣ୍ଣାଣ୍ଡିଜ୍‌ଙ୍କ ମେଜରିଟି ଶେୟାର ରହିଛି। ସରକାରଙ୍କ ଠାରୁ ଲିଜ୍ ନେଇ ଏଜେଏଲ୍ ଏଠି ନ୍ୟାଶନାଲ୍ ହେରାଲ୍ଡ ଅଫିସ ଚଳାଇଥିଲା। ତେବେ ନ୍ୟାଶନାଲ ହେରାଲ୍ଡ ବିରୋଧରେ ଇଡି ମନିଲଣ୍ଡରିଂ ମାମଲା ରୁଜୁ କରିଥିଲେ।

▶▶ପୃଷ୍ଠା ୭

ପଞ୍ଚୁକ ପାଞ୍ଚ ଦିନ ବଡ଼ଦାଣ୍ଡରେ ଉଠା ଦୋକାନ ବନ୍ଦ

ପୁରୀ, ୨୧/୧୧ (ନି.ପ୍ର): ପଞ୍ଚୁକ ପାଞ୍ଚ ଦିନ ପୁରୀ ବଡ଼ଦାଣ୍ଡରେ ମରଚିକୋଟ ଛକ ପର୍ଯ୍ୟନ୍ତ ସମସ୍ତ ଉଠାଦୋକାନ ବନ୍ଦ ରହିବ। ଆଜି ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଏହି ସୂଚନା ଦେଇଛନ୍ତି। ଜିଲ୍ଲାପାଳ କହିଛନ୍ତି, ଭକ୍ତଙ୍କ ପାଇଁ ଯେଉଁ ସବୁ ସୁବିଧା ଯୋଗାଇ ଦିଆଯିବା କଥା, ତାକୁ ପଞ୍ଚୁକ ସମୟରେ ଆହୁରି ଅଧିକ କରାଯିବାକୁ ବ୍ୟବସ୍ଥା ହୋଇଛି। ପଞ୍ଚୁକ ପାଇଁ ମରଚିକୋଟ ପର୍ଯ୍ୟନ୍ତ ଶେଡ୍ କରାଯିବ। ପାନୀୟ ଜଳ ପଏଣ୍ଟ ସଂଖ୍ୟା ବୃଦ୍ଧି କରାଯିବ। ଆସନ୍ତାକାଲି ସୁଦ୍ଧା ଆଉ ଏକ ଶୌଚାଳୟ ବ୍ୟବସ୍ଥା ହୋଇଯିବ। ଗହଳି ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ବୃଦ୍ଧି କରାଯିବ। ଜିଲ୍ଲାପାଳ କହିଛନ୍ତି ପଞ୍ଚୁକ ସମୟରେ ଶ୍ରୀମନ୍ଦିରର ନୀତିକାନ୍ତି କେମିତି ଠିକ୍ ସମୟରେ ସମାପନ ହେବ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି। ଏନେଇ ଗତକାଲି ଏକ ବୈଠକ ବସିଥିଲା। ଆଜି ମଧ୍ୟ ଏକ ବୈଠକ ବସିବ। ନୀତିକାନ୍ତି ଠିକ୍ ସମୟରେ

▶▶ପୃଷ୍ଠା ୭

ରାଜସ୍ଥାନ ପାଇଁ କଂଗ୍ରେସ ଖୋଲିଲା ପ୍ରତିଶ୍ରୁତି ପେଡ଼ି



ରାଜସ୍ଥାନ, ୨୧/୧୧: କମ୍ପୁଛୁ ପ୍ରଚାର ମୈଦାନ। ନିର୍ବାଚନ ଯେତେ ପାଖେଇ ଆସୁଛି ସେତେ ଜୋରଦାର ହେଉଛି ପ୍ରଚାର। ଘନ ଘନ ପ୍ରଚାର ଓ ରୋଡ୍ ଶୋ'ରେ ମାତିଛନ୍ତି ନେତା ମନ୍ତ୍ରୀ। ରାଜସ୍ଥାନ ନିର୍ବାଚନ ପାଇଁ ମୈଦାନକୁ ଓହ୍ଲାଇଛନ୍ତି ସବୁ ଦଳ। ଏହାରି ଭିତରି ରାଜସ୍ଥାନ ପାଇଁ ପ୍ରତିଶ୍ରୁତି ପେଡ଼ି ଖୋଲିଛି କଂଗ୍ରେସ। ଜାରି କରିଛି ଘୋଷଣା ପତ୍ର। ରାଜସ୍ଥାନ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ତା'ର ନିର୍ବାଚନୀ ଇସ୍ତାହାର ପତ୍ର ଜାରି କରିଛି। ରାଜସ୍ଥାନ ହେଉଛି କଂଗ୍ରେସର ଏକ ମଜଭୁତ ଗଡ଼। ଯାହା ଆମେ ପୂରଣ କରିପାରିବୁ ଆମେ କେବଳ ସେହି ପ୍ରତିଶ୍ରୁତି ଦେଇଥାଉ ବୋଲି ଜୟପୁରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡଗେ ଘୋଷଣା ପତ୍ର ଜାରି କରିବା ଅବସରରେ କହିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ରାଜସ୍ଥାନର ଅର୍ଥନୀତି ୧୫ଲକ୍ଷ କୋଟି ଟଙ୍କା ହେବ। ୨୦୩୦ ସୁଦ୍ଧା ଏହାକୁ ୩୦ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱାମୀନାଥନ କମିଟିର ସୁପାରିଶ ଅନୁଯାୟୀ କୃଷକମାନଙ୍କ ପାଇଁ ଏମଏସପି ଆଇନ ଅଣାଯିବ। ଚିରଞ୍ଜୀବୀ ବୀମା ରାଶି ୨୫ଲକ୍ଷରୁ ୫୦ଲକ୍ଷକୁ ବୃଦ୍ଧି କରାଯିବ। ଏଥି ସହିତ ୪ଲକ୍ଷ ଯୁବକଙ୍କୁ ସରକାରୀ ଚାକିରୀ ଦିଆଯିବ ଏବଂ ୧୦ ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦିଆଯିବ ବୋଲି କଂଗ୍ରେସ ତା ନିର୍ବାଚନୀ ଇସ୍ତାହାରରେ କହିଛି। ମନିଫେଷ୍ଟୋରେ ପଞ୍ଚାୟତ ସ୍ତରରେ ସରକାରୀ ଚାକିରିର ଏକ ନୂତନ କ୍ୟାଡର ସୃଷ୍ଟି କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି। ଗ୍ୟାସ୍ ସିଲିଣ୍ଡର ଦାମ୍ ୫୦୦ ଟଙ୍କାରୁ ୪୦୦ ଟଙ୍କାକୁ ହ୍ରାସ କରାଯିବ। ରାଜ୍ୟରେ ଜଞ୍ଜର ଆଇନ ଆଣି ବେସରକାରୀ ଶିକ୍ଷାନୁଷ୍ଠାନରେ ଦ୍ୱାଦଶ ପର୍ଯ୍ୟନ୍ତ ଶିକ୍ଷା ମାଗଣା ଦିଆଯିବ। ସେହିପରି ମନରେଗା ଓ ଇନ୍ଦିରା ଗାନ୍ଧୀ ସହରୀ ନିଯୁକ୍ତି ୧୨୫ରୁ ୧୫୦ଦିନକୁ ବୃଦ୍ଧି କରାଯିବ। ଛୋଟ ବ୍ୟବସାୟୀ ଏବଂ ଦୋକାନୀମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ କରିବାକୁ ମର୍ଚାଣ୍ଟ କ୍ରେଡିଟ କାର୍ଡ ଯୋଜନା ଆରମ୍ଭ ହେବ। ସରକାରୀ କର୍ମଚାରୀମାନଙ୍କୁ ୯,୧୮, ୨୭ ସହିତ ଚତୁର୍ଥ ବେତନ ସ୍କେଲ ସିରିଜ୍ ଏବଂ ଅଧିକାରୀମାନଙ୍କୁ ସର୍ବୋଚ୍ଚ

▶▶ପୃଷ୍ଠା ୭

ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ

ବାଲେଶ୍ୱର, ୨୧/୧୧ (ନି.ପ୍ର): ଆଜି ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସ୍ଥାନୀୟ ବାଲେଶ୍ୱରସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ଶିବଦାସ କୁଣ୍ଡୁ ସଭାପତିତ୍ୱ କରିଥିବାବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ବରିଷ୍ଠ ସାହିତ୍ୟିକ ହରିଶ୍ଚନ୍ଦ୍ର ବେହେରା, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଓ ଯାଦବେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ କମିଟିର ମୁଖ୍ୟ କର୍ମକର୍ତ୍ତା, ସମାଜସେବୀ ଓ ସାମ୍ବାଦିକା ଅପର୍ଣ୍ଣା ମହାପାତ୍ର, ସାମ୍ବାଦିକ ଉବାଚକ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ମହତାବ କମିଟିର ଆୟୋଜକ ଭାବେ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ବକ୍ତାମାନେ ଡକ୍ଟର ହରେକୃଷ୍ଣ ମହତାବଙ୍କ ବହୁବିଧ କାର୍ଯ୍ୟ ଓ ତାଙ୍କର ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଡକ୍ଟର ହରେକୃଷ୍ଣ ମହତାବଙ୍କ ଆଦର୍ଶକୁ ସମସ୍ତେ ଗ୍ରହଣ କରିବାକୁ ବକ୍ତାମାନେ ନିଜ ନିଜ ଭାଷଣରେ ମତବ୍ୟକ୍ତ

କରିଥିଲେ। ଏହି ଅବସରରେ ସାମ୍ବାଦିକ ରତିକାନ୍ତ ପାତ୍ର, ମନୋଜ ରାଉଳ, ସମ୍ପାଦକ ଶୁଭେନ୍ଦୁ କୁମାର ଦାସ, ସମାଜର ଅଭୟ କୁମାର ଦାସ, ସମ୍ବାଦର ଫଟୋ ସାମ୍ବାଦିକ ମନୋଜ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ଓ ଓଡ଼ିଶାର ମହାନାୟକ ଓ ବିକାଶ ପୁରୁଷ ଡକ୍ଟର ମହତାବଙ୍କ ସମ୍ପର୍କରେ ମତ ରଖିଥିଲେ। ଶେଷରେ ସାମ୍ବାଦିକ ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ପାରାଦୀପର ବିଭିନ୍ନ ଶିଳ୍ପ ସଂସ୍ଥାରେ ସ୍ଥାନୀୟ ଶିକ୍ଷିତ ଯୁବକ/ଯୁବତୀଙ୍କୁ ନିଯୁକ୍ତିରେ ଅଣଦେଖା ନେଇ ୫ଟି ଅଧ୍ୟକ୍ଷଙ୍କୁ ଭେଟିଲେ ସଭାପତି ଗୋଲେଖ ଚନ୍ଦ୍ର ନାୟକ

ପାରାଦୀପ, ୨୦/୧୧ (ନି.ପ୍ର): ପାରାଦୀପ ଏକ ଶିଳ୍ପ ଭିତ୍ତିକ ସହର।ଏଠାରେ ପିପିଏଲ, ଇଫକୋ, ଆଇଓସିଏଲ, ମିଉଲ ଷ୍ଟିଲ ଭଳି ବହୁ ଛୋଟ ବଡ କଳ କାରଖାନା ରହିଛି। ତେଣୁ ପାରାଦୀପ ଭଳି ଏତେବଡ ଶିଳ୍ପ ନଗରୀରେ ସ୍ଥାନୀୟ ଶିକ୍ଷିତ ଯୁବକ/ଯୁବତୀ ଙ୍କୁ ନିଯୁକ୍ତି ମିଳୁନାହିଁ।ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟା ଚିନ୍ତାର କାରଣ ପାଲଟିଛି। ଶିଳ୍ପ ର ବିକାଶ ହେଲେ ଓଡିଶାର ବିକାଶ ହେବ।ଶିଳ୍ପ କୁ ସ୍ୱାଗତ ଜଣାଇ ସ୍ଥାନୀୟ ଅଞ୍ଚଳ ବାସୀ ଶହ ଶହ ଏକର ଜମି କମ୍ପାନୀକୁ ଦେଇଦେଲେ। କମ୍ପାନୀ କର୍ତ୍ତୃପକ୍ଷ ଜମି ହରା ଓ ବିସ୍ଥାପିତ ପରିବାରଙ୍କ ନିଯୁକ୍ତି ଉପରେ ଅଗ୍ରାଧିକାର ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦୁଃଖ ଓ ପରିତାପର ବିଷୟ କମ୍ପାନୀ କାର୍ଯ୍ୟକ୍ଷମ କମ୍ପାନୀ କାର୍ଯ୍ୟକ୍ଷମ ପରେ ଜିଲ୍ଲା ଏବଂ ରାଜ୍ୟ ବାହାରର ବ୍ୟକ୍ତି ମାନଙ୍କୁ ଆଣି ନିଯୁକ୍ତି ଦେଉଛନ୍ତି। ଯାହା ଫଳରେ ଅଞ୍ଚଳରେ ବେକାର ସଂଖ୍ୟା ବୃଦ୍ଧି ପାଇଛି। ପାରାଦୀପ ଅଞ୍ଚଳରେ ଗଢି ଉଠିଥିବା ସମସ୍ତ ଶିଳ୍ପ ଅନୁଷ୍ଠାନ ର ଅଧିକାରୀ ମାନେ ଦଳୀୟ ଭିତ୍ତିରେ ହୀନ ମାନ୍ୟତା କରି ଅହେତୁକ ଅନୁକମ୍ପା ଦେଖାଇ ନିଯୁକ୍ତି ଦେଉଛନ୍ତି।ଏହି ସମସ୍ୟାର ସମାଧାନ ଲାଗି ଆଜି ପୂର୍ବ ଓଡିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ, ପୂର୍ବ ଓଡିଶା ପାରାଦୀପ ଶ୍ରମିକ ସଂଘ ଓ ଜମିହରା କୃଷକ ମହାସଂଘ ର ସଭାପତି ଓ କର୍ମକର୍ତ୍ତା ମାନେ ୫ଟି ଅଧ୍ୟକ୍ଷ ଙ୍କୁ ଭେଟି ସେମାନଙ୍କ ର ଅସନ୍ତୋଷ ଜଣାଇଥିଲେ। ଏହି ସଙ୍ଗଠନ ମାନ ଦୀର୍ଘ ୧୧ ବର୍ଷ ଧରି ଅଞ୍ଚଳ ବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଆସିଛି।ଏହି ସଂଘରେ ବିଭିନ୍ନ ବର୍ଗର ଲୋକ, ଜମିହାର, ବୁସ୍ଥାପିତ, କୈବର୍ତ୍ତ୍ୟ ସମ୍ପ୍ରଦାୟ ଓ ଦରିଦ୍ର ଅନୁସୂଚିତ ଜନଜାତି ର ୨୦ ରୁ ୩୦ ହଜାର ଲୋକ ସାମିଲ ଅଛନ୍ତି। ବିଶେଷକରି ଆଇଓସିଏଲ ଏବଂ ଆଇଓସିଏଲ ଅଧିନରେ ଛୋଟ ବଡ କମ୍ପାନୀ ମାନେ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଣଦେଖା କରୁଥିବା ସଙ୍ଗଠନ ର ସଭାପତି ଗୋଲେଖ ଚନ୍ଦ୍ର ନାୟକ ଅଧ୍ୟକ୍ଷ ବଏ ଟି ଙ୍କୁ ଜଣାଇଥିଲେ।ଏବଂ ସ୍ଥାନୀୟ ଅଞ୍ଚଳ ବାସୀଙ୍କର ଏହି ମୁଖ୍ୟ ସମସ୍ୟା ଉପରେ ବିଚାର କରିବାକୁ ବିନମ୍ର ଅନୁରୋଧ ଜଣାଇଥିଲେ। ଏହାଦ୍ୱାରା ପୂର୍ବ ଓଡିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ ଶ୍ରମିକ ସଂଘ ଅଧୀନରେ ଅବହେଳିତ ଅବସ୍ଥାରେ ଥିବା ହଜାର ହଜାର ଶିକ୍ଷିତ ବେକାର ଯୁବକ/ଯୁବତୀ ମାନେ ଉପକୃତ ହେବେ।

ପଦ୍ମଚରଣ ନାୟକଙ୍କ ଅଷ୍ଟମ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୨୧/୧୧ (ନି.ପ୍ର): କେନ୍ଦ୍ରାପଡାରେ ସମବାୟ ଆନ୍ଦୋଳନକୁ ଲୋକପ୍ରିୟ କରିବା ସହିତ ଶିକ୍ଷାନୁଷ୍ଠାନ ଗୁଡିକ ପ୍ରତିଷ୍ଠା ମାଧ୍ୟମରେ ଆଧୁନିକ କେନ୍ଦ୍ରାପଡାର ଯେଉଁ କେତେଜଣ ଭିତ୍ତିସ୍ଥାପନ କରିଥିଲେ ସେମାନଙ୍କ ମଧ୍ୟରେ ବିଶିଷ୍ଟ ସମବାୟବିତ ତଥା ରାଜନେତା ସ୍ୱର୍ଗତ ପଦ୍ମଚରଣ ନାୟକ ଥିଲେ ଅଗ୍ରଗଣ୍ୟ। ତାଙ୍କର ବଳିଷ୍ଠ ଓ ନିଷ୍ଠାପର ଉଦ୍ୟମରେ ଅର୍ବାନ କୋପରେଟିଭ୍ ବ୍ୟାଙ୍କ ସମେତ ବଳଦେବଜୀଉ ଶିକ୍ଷା ମହାବିଦ୍ୟାଳୟ, ଆଇନ୍ ମହାବିଦ୍ୟାଳୟ, ଗୁଲନଗର ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଆଦି ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ ବୋଲି ସ୍ୱର୍ଗତ ନାୟକଙ୍କ ଅଷ୍ଟମ ବାର୍ଷିକ ପୂଣ୍ୟତିଥି ଅବସରରେ ସୋମବାର ଗୁଲନଗର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ପଦ୍ମଚରଣ ନାୟକ ସ୍ମୃତି କମିଟି ସଭାପତି ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା,ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ରମଣୀ ରଞ୍ଜନ ରାଉତରାୟ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଅନୁଷ୍ଠାନର ସମ୍ପାଦକ ସରୋଜଭାଜ ସିଂ, ଅଧ୍ୟାପକ ଅଜୟ ସାମଲ, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ, ରବିନ୍ଦ୍ରନାଥ ରଥ, ବିଜୟ କୁମାର ସାମଲ, ଭାଗୀରଥି ଜେନା, ସଂଗ୍ରାମ କିଶୋର ମଲ୍ଲିକ, ପ୍ରମୋଦ ସାହୁ, ନାରାୟଣ ଚନ୍ଦ୍ର ପରିଡା, ସୁଶିଲ କୁମାର ସାମଲ, ମୁକ୍ତାର ଖାଁ, ସାମ୍ବାଦିକ ଚିତରଞ୍ଜନ ଦାସ,ଡଃ ବାସୁଦେବ ଦାସ, ସୟଦ ଅବଦୁଲ ସଂଚାର, ଗୁଲନଗର ବାଳକ ଓ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ପ୍ରତି ସ୍ମୃତି ଅର୍ଘ୍ୟ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ସଭ୍ୟ ଉପେନ୍ଦ୍ର କର ଗୀତା ପାଠ କରିଥିବା ବେଳେ ଭରତ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦେବାଶିଷ କୁବେର, କୁଳମଣି ନାୟକ, ଚନ୍ଦ୍ରମଣୀ ନାୟକ, ପ୍ରଶାନ୍ତ ନାୟକ, ନିଳମଣୀ ନାୟକ, ରତିକାନ୍ତ ନାୟକ, କମଳେଶ ନାୟକ, ନରେଶ ନାୟକ, ଅଭିମନ୍ୟୁ ନାୟକ, ଗଗନ ବିହାରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ଗୁଲନଗର ବାଳକ ଉଚ୍ଚବିଦ୍ୟାଳୟର ଗୌତମ ପାତ୍ର, ବାଳିକା ବିଦ୍ୟାଳୟର ଅନିମା ପରମିନ, ଗୁଲନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତପସ୍ୱିନୀ ସାହୁ, ସଞ୍ଜିବନୀ ବିଦ୍ୟା ମନ୍ଦିରର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ନେତାଜୀ ମଡେଲ ୟୁପି ସ୍କୁଲର ଭାଗ୍ୟଶ୍ରୀ ସାହୁ ପ୍ରମୁଖ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଚମ୍ପୁଆ, ୨୧/୧୧ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ମହେଶ୍ୱରପୁର ଛକ ନିକଟରେ ଗତକାଲି ସଂଧ୍ୟା ପ୍ରାୟ ୬ଟା ୩୦ ମିନିଟ ସମୟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ତେବେ ମୃତ ଯୁବକଙ୍କ ପରିଚୟ ଜଣାପଡିନାହିଁ। ସୂଚନା ଅନୁସାରେ, ଚମ୍ପୁଆ ରିମୁଳି ୨୦ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଲୋକଙ୍କ ଠାରୁ ମହେଶ୍ୱରପୁର ଛକ ନିକଟରେ ରାସ୍ତା ଉପରେ ଏକ ବ୍ୟକ୍ତି ପଡିଥିବା ଖବର ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଂଚି ସେଠାରୁ ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ କୌଣସି ପରିଚୟ ମିଳିପାରି ନ ଥିବା ବେଳେ ଯୁବକଙ୍କ ବୟସ ପ୍ରାୟ ୨୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ମୃତ ବ୍ୟକ୍ତିଙ୍କ ପକେଟରୁ ମିଳିଥିବା ଏକ ମୋବାଇଲକୁ ଜବତ କରି ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭା କର୍ଲାପିଟା ଗ୍ରାମରେ ଅନୁଷ୍ଠିତ

ବଲାଙ୍ଗିର, ୨୧/୧୧ (ନି.ପ୍ର): ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ବଲାଙ୍ଗିରର ସଦର ବ୍ଲକ ସ୍ତରୀୟ ସଭା ସ୍ଥାନୀୟ କର୍ଲାପିଟା ଗ୍ରାମରେ ସତ୍ୟନାରାୟଣ କୁମରା ବ୍ଲକ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଆଦିବାସୀ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇ ବାଦ୍ୟର ତାଳେ ତାଳେ ଶତାଧିକ ଆଦିବାସୀ ମହିଳା, ପୁରୁଷ ଗ୍ରାମ ପରିକ୍ରମା କରିଥିଲେ । ନବ ନିର୍ବାଚିତ ସଭାପତି ସତ୍ୟନାରାୟଣ ଭୋଇ ଓ ସଂପାଦକ ପୁରୁଷୋତମ ଧରୁଆଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ସଭାପତି ଶ୍ରୀ ଭୋଇଙ୍କ ସହିତ ଅନ୍ୟାନ୍ୟ ସମ୍ମାନିତ ଅତିଥି ରୁପେ ପୁରୁଷୋତମ ଧରୁଆ, ଜିଲ୍ଲା ସଂପାଦକ ଯଥା ବିଶ୍ୱାଳ, କ୍ଷମାନିଧି ଦଳପତି, ସୁରେନ୍ଦ୍ର ଭୋଇ, ଗଜେନ୍ଦ୍ର ଝାଙ୍କର, ମୁରଲୀଧର ମଲ୍ଲିକ, ପ୍ରେମରାଜ ବରିହା, ଭୁବନ ନାଏକ, ହରିବନ୍ଧୁ ଧରୁଆ, ସଭାପତି ଗଣ୍ଡ ସମାଜଙ୍କୁ ମଂଚାସିନ କରାଇଥିଲେ । ମହାଦେବ ବଡକା ସଭା ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଭାବେ କ୍ଷମାନିଧି ଦଳପତି ନିଜ ବକ୍ତବ୍ୟରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଆଦିବାସୀ ମାରଣ ନୀତି ବିରୁଦ୍ଧରେ ଉପସ୍ଥିତ ଆଦିବାସୀ ମା, ଭଉଣୀମାନଙ୍କୁ ଅବଗତ କରି ସରକାରଙ୍କ ବିରୁଦ୍ଧରେ ରଣ ହୁଙ୍କାର ଦେଇଥିଲେ । ଆଗାମୀ ନିର୍ବାଚନରେ ଅସହଯୋଗ କରିବାକୁ ମତପୋଷଣ କରିଥିଲେ । ଅନ୍ୟାନ୍ୟ ଅତିଥିବୃନ୍ଦ ତାଙ୍କ ବକ୍ତବ୍ୟରେ ସରକାରଙ୍କର ଆଦିବାସୀ ବିରୋଧି କାର୍ଯ୍ୟ ଯଥା ଆଦିବାସୀ ଜମିକୁ ସହଜରେ ଅଣ ଆଦିବାସୀଙ୍କୁ ହସ୍ତାନ୍ତରିତ, ମାଳି ଓ ରଣା (କୁମ୍ଭାର) ଜାତିକୁ ଆଦିବାସୀ ମାନ୍ୟତା ଦେବା, ମଦ, ମାଂସ ଦେଇ ଆଦିବାସୀ ଭୋଟ ହାତେଇବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବଲାଙ୍ଗିର ଜିଲ୍ଲାରେ ୪୭୦ ନକଲି ଆଦିବାସୀ ଚିହ୍ନଟ ହୋଇଥିଲେ ମଧ୍ୟ ଅଦ୍ୟାବଧି ବହିଷ୍କୃତ ହୋଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ମହାଦେବ ବଡକା ସଭା ପରିଚାଳନା କରିଥିବା ବେଳେ ଅନାଦି ମରପାଟୀ, ନିରଞ୍ଜନ ଧରୁଆ, ପ୍ରହଲ୍ଲାଦ ଝାଙ୍କର, ଶିବ ଶଙ୍କର ଧରୁଆ, କେଶବ ମଲ୍ଲିକ, ବୈକୁଣ୍ଠ ଧରୁଆ, ପଂଚାନନ କୁଅଁର, ଶେଷଦେବ ମାଝି, ଯୁଗସାଏ ଭୋଇ ସମସ୍ତ ପ୍ରକାର ସହଯୋଗ କରିଥିଲେ । ଶେଷରେ ଭୁବନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

ମୂଳାପାଳ ପଂଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

କୋରାଇ, ୨୧/୧୧ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତରେ କୋରାଇ ବିଧାୟକ ଅଶୋକ କୁମାର ବଳଙ୍କ ଦ୍ୱାରା ଆଜି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ବିଶେଷ କରି ଓଡିଶା ଜଳସେଚନ ବିଭାଗର ଯାଜପୁର ଜଳସେଚନ ବିଭାଗ ଦ୍ୱାରା ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱର ବୈତରଣୀ ରେଳ ଫାଟକ ଠାରୁ ୧୬ ନମ୍ବର ଜାତୀୟ ରାଜପଥ ପର୍ଯ୍ୟନ୍ତ ନଦୀ ବନ୍ଧର ପ୍ରଶସ୍ତିକରଣ ପାଇଁ ଭିତି ପ୍ରସ୍ତର ସ୍ଥାପନ କରାଯାଇଛି । ମୁଖ୍ୟ ଅତିଥିଭାବେ କୋରାଇ ବିଧାୟକ ଶ୍ରୀ ବଳ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କୋରାଇ ପଂଚାୟତ ସମିତି ଅଧ୍ୟକ୍ଷା ଜୟନ୍ତି ଦଳେଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ମୂଳାପାଳ ସରପଂଚ ଜୟନ୍ତ କୁମାର ନାୟକ, ସମିତିସଭ୍ୟ ମଧୁସୂଦନ ନନ୍ଦୀ ପ୍ରମୁଖ ଯୋଗଦେଇଥିଲେ । ଏହି ନଦୀ ବନ୍ଧର ପ୍ରଶସ୍ତିକରଣ ପାଇଁ ମୋଟ୍ ୮.୩୪ ଲକ୍ଷ ବ୍ୟୟ ଅଟକଳ କରାଯାଇଥିବା ବେଳେ ୭.୫ ମିଟର ଚଉଡା ଓ ୫.୫ ମିଟର ପିଚୁ କରାଯିବାକୁ ସ୍ଥିର କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ଜଳସେଚନ ବିଭାଗ ସୁପରିଟେଣ୍ଡେଂଟ ଇଂଜିନିୟର ଶରତ ଘଡାଇ, ଅସିଷ୍ଟାଣ୍ଟ ଇଂଜିନିୟର ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏଥି ସହିତ ଆମ ଓଡିଶା ନବୀନ ଓଡିଶା ଦ୍ୱାରା ୧୦ ଲକ୍ଷ ଟଙ୍କା ବ୍ୟୟରେ ରଣପାଳ ଜଗନ୍ନାଥ ମନ୍ଦିର ଉନ୍ନତିକରଣ, ୧୦ ଲକ୍ଷ ଟଙ୍କା ବ୍ୟୟରେ ରାମେଶ୍ୱର କଲ୍ୟାଣ ମଣ୍ଡପ ଓ ଗୋବିନ୍ଦପୁର ଠାରେ ମୂଳାପାଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଶିଳାନ୍ୟାସ କରାଯାଇଥିଲା । ଏହି ଅବସରରେ ଏକ ସଭା ରାମେଶ୍ୱର ପଡିଆ ଠାରେ ବ୍ଲକ ବିଜେଡି ସଭାପତି ଭକ୍ତ ବସ୍ତ୍ରଳ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଧାୟକ, ବ୍ଲକ ଅଧ୍ୟକ୍ଷା, ଉପଧ୍ୟକ୍ଷ, ସରପଂଚ, ସମିତି ସମତେ ଜିଲ୍ଲା ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, ବ୍ଲକ ବିଜେଡି ଯୁବ ସଭାପତି ସୌଭାଗ୍ୟ ମହାନ୍ତି, ମହିଳା ନେତ୍ରୀ ପଙ୍କଜିନୀ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ୧୬ ନମ୍ବର ଜାତୀୟ ରାଜପଥ ଠାରୁ ଏକ ବାଇକ ଶୋଭଯାତ୍ରାରେ ଯାଇ ବିଧାୟକ ଶିଳାନ୍ୟାସ କରିଥିଲେ । ଯୁବ ନେତା ତଥା ସରପଂଚ ଗୌରୀ ଶଙ୍କର ମହାପାତ୍ର, ସରପଂଚ ଅନିଲ ମହାପାତ୍ର, ଶ୍ୟାମ ସୁନ୍ଦର ମାଝୀ, ସନ୍ତୋଷ କୁମାର ସ୍ୱାଇଁ, ସମିତିସଭ୍ୟ ପ୍ରିୟଙ୍କା ବରାଳ, ସରସ୍ୱତୀ ସ୍ୱାଇଁ, ଉଦୟ ନାୟକ, ରୁନୁ ପରିଡା, ଯୁବ ନେତା ନିମାଇଁ ମଲ୍ଲିକ, ଗଣେଷ ସାହୁ, ସୁଶାନ୍ତ ମହାପାତ୍ର, ହେମନ୍ତ ମହାପାତ୍ର, ହରିହର ପାଳ, ଆନନ୍ଦ ପାଳ, ପ୍ରକାଶ ମଲିକ, ଗୋକୁଳାନନ୍ଦ ସାହୁ, ପ୍ରେମେଶ ମହାକୁଡ, ରମେଶ ବାରିକଙ୍କ ସମେତ ବହୁ ଜନପ୍ରତିନିଧି ଓ ଶତାଧିକ କର୍ମୀ ଯୋଗଦେଇଥିଲେ ।

ମଦ୍ରାସାରେ ବାଲ୍ୟ ବିବାହ ସମ୍ପର୍କୀତ ଆଲୋଚନାଚକ୍ର

ଧର୍ମଶାଳା, ୨୧/୧୧ (ନି.ପ୍ର): ରାଜ୍ୟରେ ଦିନକୁ ଦିନ ବାଲ୍ୟ ବିବାହ ବୃଦ୍ଧି ପାଉଛି । ଯାହାକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାଲ୍ୟ ବିବାହ ନ କରିବାକୁ ପରିବାରଙ୍କୁ ସଚେତନ କରାଯାଉଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତ କୋଠିହସ୍ତ ମଦ୍ରାସାଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ନେଇ ବାଲ୍ୟ ବିବାହ ସମ୍ପର୍କୀତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଫତି ସନାଉଲ୍ଲା କାସିମ୍ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ବାଲ୍ୟ ବିବାହ ସଂଯୋଜକ ସୁରେନ୍ଦ୍ର ଦିଗାଲ ଯୋଗଦେଇ ବାଲ୍ୟ ବିବାହ ଫଳରେ ସମାଜ ଉପରେ ପଡୁଥିବା କୁପ୍ରଭାବ ଓ ଏହା ଉପରେ ରୋକ ଲଗାଇବାରେ ପରିବାରର ମୁରବୀମାନେ ମୁଖ୍ୟ ଭୂମିକା ନେଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଯାଜପୁର ବ୍ଲକର ବିଶିଷ୍ଟ ମୁରବୀ ସେକ୍ ସାଜିଦ ଓ ରାଜ୍ୟ ସଂଖ୍ୟାଲଘୁ କଂଗ୍ରେସ ସାଧାରଣ ସମ୍ପାଦକ ସେକ୍ ଆବୁ ସାଏମା ଯୋଗଦେଇ ପ୍ରତ୍ୟେକ ଘରର ମୁରବୀ ଓ ନାବାଳକ ବାଳିକାମାନେ ଦୃଢ ମନରେ ଦୃଢ ସଙ୍କଳ୍ପ ନେଇ ଏହି ବାଲ୍ୟ ବିବାହ ରୋକା ଯାଇପାରିବ । ଅନ୍ୟପକ୍ଷରେ ପର୍ଯ୍ୟାୟ କ୍ରମେ ଏହା ଉପରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିଲେ ଏହା ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।

୫୦ତମ ଟିକ୍ରାପଡ଼ା ନାମଯଜ୍ଞର କଳସ ଯାତ୍ରା ଓ ଶୋଭାଯାତ୍ରା

ବଲାଙ୍ଗୀର, ୨୧/୧୧ (ନି.ପ୍ର): ଟିକ୍ରାପଡ଼ା ଅହୋରାତ୍ର ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତି ସମାରୋହ ନଭେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଯାଇଛି। ଏହି ନାମଯଜ୍ଞର ଅଧିବାସ ଓ କଳସ ଯାତ୍ରା ୧୯.୧୧.୨୦୨୩ ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟରେ ପ୍ରଭୁ ଶ୍ରୀ ରାଧାମାଧବଙ୍କୁ ସ୍ୱାଗତ କରି ନାମଯଜ୍ଞ ମଣ୍ଡଳୀରେ ସ୍ଥାପନା କରାଯାଇଥିଲା। ଏହି କଳସ ଯାତ୍ରା ରେ ପୁରୀ ମଠାଧିସ ସ୍ୱାମୀ ବଂଶୀଧର ମହାରାଜ ଓ ବିଶ୍ୱମ୍ଭ ଚେତନା ପରିଷଦ ଉପାଧ୍ୟକ୍ଷ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ସାଗରପଡା ଭାଗବତ ଆଶ୍ରମରୁ ବାବା ପ୍ରେମାନନ୍ଦ ଦାସ ଓ ବାବା ବଂଶୀଧର ଦାସଙ୍କ ଗହଣରେ ହଜାର ହଜାର ପୁରୁଷ ଓ ମହିଳା ଭକ୍ତ ନଗର ପରିକରମା କରିଥିଲେ। ଏହି ଶୋଭାଯାତ୍ରାରେ ଶ୍ରୀ କୃଷ୍ଣ ଚୈତନ୍ୟ ସେବା ସଂସ୍ଥାନ ର ସମସ୍ତ ସଭ୍ୟ ସଭ୍ୟା, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ସମସ୍ତ କାଉନସିଲର, ଗୋପାଳଜୀ ପାଣିଗ୍ରାହୀ, ହିମାଂଶୁ ପାଢୀ, ମିଳମଣି ମିଶ୍ର ସାମିଲ ହୋଇଥିଲେ। ସାତ ଦିନ ଧରି ଏହି ନାମଯଜ୍ଞ ରେ ଦୂରଦୂରାନ୍ତରୁ ଉଭୟ ପୁରୁଷ ଓ ମହିଳା ସଂକୀର୍ତନ୍ୟ ଦଳ ଆସି ପ୍ରଭୁଙ୍କ ନାମ ନେବେ ଏବଂ ଆସନ୍ତା ୨୨.୧୧.୨୦୨୩ ରୁ ଆଧାତ୍ମିକତା ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ପ୍ରକାଶ କୁମାର ନେପାକ ସୂଚନା ଦେଇଛନ୍ତି। ତା. ୨୦.୧୧.୨୦୨୩ ସୋମବାର ସକାଳ ୯ ଘଂଟା ସମୟରେ ଏହି ନାମଯଜ୍ଞ କର୍ତା ଅଙ୍କୁଶ ପ୍ରସାଦ ହୋତା ଓ ସହଧର୍ମିଣୀ ସାଗରୀକା ହୋତାଙ୍କ ଦ

ପାଳନ୍ତୁ ଜୀବଜନ୍ତୁ, ପାଆନ୍ତୁ ଛୁଟି

ସନ୍ତାନ ଜନ୍ମ ତଥା ନବଜାତ ଶିଶୁର ଲାଳନ ପାଳନ ପାଇଁ ମହିଳାମାନଙ୍କୁ ପ୍ରସୂତିକାଳୀନ ଛୁଟି ମିଳୁଥିବା ଭାରତରେ ଦେଖାଯାଏ । ତେବେ ପୋଷା ଜୀବଜନ୍ତୁଙ୍କ ପ୍ରସୂତି ସମୟରେ ତାଙ୍କର ଦେଖାରଖା ପାଇଁ ସେଇ ଜନ୍ତୁର ମାଲିକଙ୍କୁ ଛୁଟି ଦିଆଯିବା କଥା ଆପଣ ଜାଣିଛନ୍ତି କି । ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଭାରତରେ ଏପରି କିଛି କମ୍ପାନି ଅଛି ଯେଉଁ କମ୍ପାନୀଗୁଡ଼ିକ ନିଜର କର୍ମଚାରୀମାନଙ୍କୁ ତାଙ୍କରପୋଷା ଜୀବଜନ୍ତୁଙ୍କ ପ୍ରସୂତିକାଳରେ ଛୁଟି ପ୍ରଦାନ କରିଥାନ୍ତି । 'କଲର ପୋକ୍' ନାମକ ଏକ ସଂସ୍ଥା ନିଜର କର୍ମଚାରୀଙ୍କୁ ନବଜାତ ପୋଷା ଜନ୍ତୁର ଦେଖାରଖା ପାଇଁ ଦଶଦିନ ଛୁଟି ପ୍ରଦାନର ବ୍ୟବସ୍ଥା କରିଛି । ଏହି

କର୍ମଚାରୀଙ୍କର ଦାୟିତ୍ୱ ।

କମ୍ପାନୀର ପ୍ରତିଷ୍ଠାତା ପାର୍ଟନର ରୁକ୍ମିଣୀ ବୈଶ କହନ୍ତି ଯେ, କର୍ମଚାରୀମାନେ ନିଜର ପାଳିତ ଜନ୍ତୁ ଜନ୍ମ ଦେଇଥିବା ନବଜାତକକୁ ନେଇ ଉତ୍ସବ ମନାଇବା, ତା'ର ଦେଖାଶୁଣା କରିବା, ପଶୁଡାକ୍ତରଙ୍କ ପାଖକୁ ନେବା, ପ୍ରତିଷେଧକର ବ୍ୟବସ୍ଥା ଆଦି କରାଇବା ଲକ୍ଷ୍ୟରେ ଏହି ଛୁଟି ପ୍ରଦାନ କରାଯାଇଥାଏ । ରୁକ୍ମିଣୀ ଆହୁରି ମଧ୍ୟ କହନ୍ତି, ସଂପୃକ୍ତ କର୍ମଚାରୀ ଯଦି ଚାହାନ୍ତି ତେବେ ପୋଷା ଜନ୍ତୁଙ୍କ ସାଥିରେ ଅଫିସ୍ ଆଣି ପାରିବେ । ତେବେ ଅଫିସ୍‌କୁ ସେହି ପୋଷା ଜନ୍ତୁଟି ଯଦି ଅସନା କରେ ତେବେ ତାକୁ ସଫାସଫି କରିବା ସଂପୃକ୍ତ ଟ୍ରେନିଂ, ଫେନସି ଗ୍ରୁମିଂ, ଭ୍ୟାକସିନେସନ ଆଦି ସେବା ପାଇଁ ଖର୍ଚ୍ଚ କରିବାକୁ ପଡ଼ିତାଏ । ଏ ସମ୍ପର୍କରେ ଗୋଜୁପର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଫତାବ ନକବୀ କହନ୍ତି ଆମର କେତେକ କର୍ମଚାରୀ ମୋନଙ୍କ ପୋଷା ଜୀବଜନ୍ତୁଙ୍କୁ ପରିବାରର ସଦସ୍ୟ ଭାବେ ବିବେଚନା କରିଥାନ୍ତି । ତେଣୁ ଆମେ ସେମାନଙ୍କର ଏପରି ମହତ୍ତ୍ୱପୂର୍ଣ୍ଣ ମନୋଭାବକୁ ସମ୍ମାନ ଜଣାଇ ଏପରି ବ୍ୟବସ୍ଥା କରିଛୁ । ଆଉଗୋଟେ ଘଟଣା ଶୁଣନ୍ତୁ । ଏକ ହୋଟେଲର ଜନୈକ ୨୭ ବର୍ଷୀୟ ଏକଜିକ୍ୟୁଟିଭ୍ ତାଙ୍କର ପୋଷା କୁକୁରର ଦେହ ଖରାପ ହେବାରୁ ସେ ଛୁଟି ମାଗିଥିଲେ । ତେବେ ସେଭଳି ଛୁଟିର ସେଠାରେ କୌଣସି ବ୍ୟବସ୍ଥା ନଥିବା ସତ୍ତ୍ୱେ ତାଙ୍କୁ ଛୁଟି ପ୍ରଦାନ କରାଯାଇଥିଲା । ସେହିପରି ତା'ର ଏକ ରିପେଟଲ୍ ଚେନ କମ୍ପାନି 'ଚାୟୋକ୍'ରେ ପେଷା ଜୀବଜନ୍ତୁଙ୍କୁ ଦେଖାଶୁଣା ପାଇଁ କୌଣସି ଧରାବନ୍ଧା ନିୟମ ନଥିଲେ ବି ପୋଷା ଜୀବଜନ୍ତୁ ଅସୁସ୍ଥ ହୋଇ ପଡ଼ିଲେ କର୍ମଚାରୀମାନେ ୱାର୍କ ଫ୍ରମ ହୋମ (ଘରେ ରହି କାମ କରିବା) କିମ୍ବା ଛୁଟି ନେଇପାରିବେ ।

ସେହିପରି ମୁମ୍ବାଇର ଏକ କମ୍ପାନି 'ଗୋଜୁପ' ନିଜର କର୍ମଚାରୀମାନଙ୍କୁ ସେମାନଙ୍କ ପାଳିତ ଜୀବଜନ୍ତୁଙ୍କ ଦେଖାଶୁଣା ପାଇଁ ୨୦୧୭ ଟଙ୍କାର ଭତ୍ତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛି । ଏହି ଟଙ୍କା ସେମାନେ ଜୀବଜନ୍ତୁଙ୍କ

ବାଙ୍ଗାଲୋରରେ ଜନୈକ ପଶୁଡାକ୍ତର ପଓ୍ୱନ କୁମାର ଇନସୁରାନ୍ସ କମ୍ପାନିଗୁଡ଼ିକ ସହ ପୋଷା ଜୀବଜନ୍ତୁଙ୍କ ପାଇଁ ମେଡ଼ିକାଲ ଇନ୍ସୁରାନ୍ସ କରାଇବା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ତାଙ୍କର କହିବା କଥା ହେଲା ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ଆଦି ଦେଶରେ ପୋଷା ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମେଡ଼ିକାଲ ଇନ୍ସୁରାନ୍ସ ପଲିସି ରହିଛି । ଆମେ ମଧ୍ୟ ଏଭଳି ଏକ ପ୍ରୟାସ ଜାରି ରଖିଛୁ ।

ସାଧାରଣତଃ ପୋଷା ଜୀବଜନ୍ତୁଙ୍କ ପ୍ରତି ତା'ର ମାଲିକର ଯଥେଷ୍ଟ ଭଲ ପାଇବା ରହିଥାଏ ।। ମାତ୍ର ପୋଷା ଜୀବଜନ୍ତୁଙ୍କ ଲାଳନପାଳନ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇଦେବା କ୍ଷେତ୍ରରେ ସଂପୃକ୍ତ ମାଲିକ ତଥା କର୍ମଚାରୀଙ୍କ ପାଇଁ କମ୍ପାନିର ଏଭଳି ଅନେକ ବ୍ୟବସ୍ଥା ଏକ ସକାରାତ୍ମକ ପରିବର୍ତ୍ତନ ବୋଲି ବିବେଚନା କରାଯାଏ ।

ଛାଡ଼ପତ୍ର ପାଇଁ ଦାୟୀ ସୋସିଆଲ ମିଡ଼ିଆ

ଅନଲାଇନରେ ଏକାଧିକ ପ୍ରେମ ସମ୍ପର୍କ ରଖିବା ସକାଶେ ଟେକ୍ନୋଲୋଜି ଦମ୍ପତିଙ୍କ ସମର୍ଥ କରୁଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି । ସାଥୀକୁ ପ୍ରତାରଣା ଦେବାର ଏହି ଟ୍ରେଣ୍ଡ ଏତେ ବଢ଼ିଗଲାଣି ଯେ କିଛି ଦମ୍ପତି ଏକ ସଙ୍ଗେ ୫ଟି ପ୍ରେମ ସମ୍ପର୍କ ରଖିଥିବା ମଧ୍ୟ ସାମ୍ନାକୁ ଆସିଛି । ବେଳେବେଳେ ଏହି ସମସ୍ତ ସମ୍ପର୍କ ସୋସିଆଲ ମିଡ଼ିଆ ମାଧ୍ୟମରେ ଗଢ଼ିଉଠୁଥିବା ଜଣାପଡ଼ିଛି । ଲିଖିତ ମେସେଜ ଓ ଡେଟିଂ ଆପରୁ ଲିଙ୍କଡ଼ଇନ ଓ ଫେସବୁକ ଭଳି ସୋସିଆଲ ମିଡ଼ିଆ ସେମାନଙ୍କ ଯୋଗାଯୋଗର ପଦ୍ଧତି ପାଲଟିଛି । ବାହାର ସମ୍ପର୍କ ଯୋଡ଼ିବାକୁ ଟେକ୍ନୋଲୋଜି ସେମାନଙ୍କ ସାଥୀଙ୍କୁ ଉତ୍ସୁକାଉଥିବା ମହକିଲମାନେ ଅଭିଯୋଗ କରୁଛନ୍ତି ବୋଲି ସହକାରୀ ଓକିଲ ଅବିଗାଲି ଲୋଥର କହିଛନ୍ତି । ପୋଷ୍ଟର୍ସ ସ୍ଥିତ ଜୋନ ଏଡ଼ୱାର୍ଡ଼ସ ମଧ୍ୟ ଏ କଥାରେ ସହମତି ଜଣାଇଛନ୍ତି ଯେ ଟେକ୍ନୋଲୋଜି ଓ ସାଥୀଙ୍କ ପ୍ରତାରଣା ମଧ୍ୟରେ ସମ୍ପର୍କରହିଛି । ସେ ଏହା



ମଧ୍ୟ କହିଛନ୍ତି ଯେ ଟେକ୍ନୋଲୋଜି ଯୋଗୁଁ ଲୋକଙ୍କ ମଧ୍ୟରେ ଦୂରତା କମିଯାଉଛି । ସେ ଏହା ମଧ୍ୟ କହିଛନ୍ତି ଯେ ଟେକ୍ନୋଲୋଜି ଯୋଗୁଁ ଲୋକଙ୍କ ମଧ୍ୟରେ ଦୂରତା କମିଯାଉଛି । ଫଳରେ ଜଣେ ନିଜ ଘରେ ବସି ସ୍ୱାମୀସ୍ତ୍ରୀଙ୍କୁ ସହଜରେ ଠକିପାରୁଛି । ଆଉ ଜଣେ ସାଥୀ ଥମସନ ସ୍ନେଲ ଆଣ୍ଡ ପାସମୋର୍ ସ୍ଥିତ ଜୋନା ପ୍ରାଟ୍ କହନ୍ତି, ଟେକ୍ନୋଲୋଜି ପ୍ରେମ ସମ୍ପର୍କକୁ ସହଜ କରୁଥିବା ବେଳେ ସାଥୀଙ୍କ ପ୍ରତାରଣାକୁ ମଧ୍ୟ ସହଜରେ ଧରା ପକାଇ ଦେଉଛି ।

ସ୍ତନ କର୍କଟରୁ ସୁରକ୍ଷା

ସ୍ତନ କର୍କଟର ମୁଖ୍ୟ କାର ଜୀବନ-ଶୈଳୀରେ ପରିବର୍ତ୍ତନ ବିଳମ୍ବରେ ବିବାହ କରିବା, ଶିଶୁକୁ ସ୍ତନ୍ୟପାନ ନକାଇବା, ବ୍ୟାୟାମ ନକରିବା, ଫାଷ୍ଟ ଫୁଡ଼ ଅଧିକ ଖାଇବା, ସୁରା ଓ ଧୂମପାନ ଆଦି କାରଣରୁ ଏହି କର୍କଟ ବଢ଼ିବାରେ ଲାଗିଛି । ସବୁକୁ ନିୟନ୍ତ୍ରିତ କରିବା କଷ୍ଟକର ହୋଇପାରେ, ତେବେ, ଖାଦ୍ୟ-ପାନୀୟ, ବସିବା-ଉଠିବା ବାବବଦରେ ତ ଆମେ ସତର୍କ ହୋଇପାରିବା । କେତେକ ସାଧାରଣ ଅଭ୍ୟାସ ପ୍ରତି ଦୃଷ୍ଟିଦେଲେ, ଏଭଳି ରୋଗ ଦାଉରୁ ରକ୍ଷା ପାଇହେବ । ପ୍ରତିଦିନ ୧୨୦



ଲିଲିଟର ଅଧିକ ସୁରାପାନ ସ୍ତନ କର୍କଟ କରାଇପାରେ । ବୟସ ତିରିଶ ଟପିବା ରେ ଗର୍ଭଧାରଣ ବି ଏହାର କାରଣ ହୋଇପାରେ । ଗର୍ଭନିରୋଧୀ ବଟିକା ନିୟମିତ ଇବା ବା ସ୍ରାବ ବନ୍ଦ କରିବା ପାଇଁ ଔଷଧ ଖାଇବା ଅନୁଚିତ । ଏହା ସହ ସ୍ତନ ର୍କଟର ସମ୍ପର୍କ ରହିଛି । ମୋଟା ହେବା, ଅଧିକ ଚିନି ଖାଇବା ବି ଏହାର କାରଣ । ୁଳିତ ଆହାର, ଅଧିକ ତନ୍ତୁ ଏବଂ ଓମେଗା ୩ ଫ୍ୟାଟି ଏସିଡ଼ଯୁକ୍ତ ଖାଦ୍ୟ ସହ ାହରେ ପାଞ୍ଚଦିନ ବ୍ୟାୟାମ ଏହି କର୍କଟ ଆଶଙ୍କା ଦୂରକରେ ।

ଛାତି ବା ସ୍ତନରେ ଯନ୍ତ୍ରଣା, ପିଠିର ଉପରିଭାଗ, କାନ୍ଧ ଓ ବେକରେ କଷ୍ଟ, ସ୍ତନ, ୁ, ସ୍ତନର ଆକାରରେ ପରିବର୍ତ୍ତନ, ସ୍ତନ ଭିତରେ ହାତକୁ ଗୁଳା ଲାଗିବା, ସ୍ତନାଗ୍ରରୁ ବ ଆଦି ଏହାର ଲକ୍ଷଣ ହୋଇପାରେ । ଏଭଳି କିଛି ଅନୁଭୂତ ହେଲେ ସଙ୍ଗେ ଙ୍ଗ ପରୀକ୍ଷା କରାଇନେବା ଜରୁରୀ ।

ଗରମ ଠାରୁ ସାବଧାନ ଭଲଥାଉ ସୁସ୍ଥ

ଆଜିକାଲି କେତେ ବେଳେ ବର୍ଷା ତ କେତେବେଳେ ଖରା, ପୁଣି, କେତେବେଳେ ହଠାତ୍ ଥଣ୍ଡା ପଡ଼ିବ, କିଏ ଜାଣେ । ଏଭଳି ବାରମ୍ବାର ବଦଳୁଥିବା ପାଣି-ପାଗରେ ସାବଧାନ ନରହିଲେ, ରୋଗରେ ପଡ଼ିବାର ଆଶଙ୍କା ଅଧିକ । ଖାଲି ଯେ, ସରଦି-କାଶ ଭୋଗିବେ ତାହା ନୁହେଁ, ମାଲେରିଆ, ମସ୍ତିଷ୍କ ଜର ଭଳି ମାରାତ୍ମକ ରୋଗ ମଧ୍ୟ ଅସ୍ଥିର ଜଳ-ବାୟୁ ଯୋଗୁଁ ହୋଇଥାଏ । ଆର୍ଦ୍ରତା ଅଧିକ ରହୁଥିବାରୁ ଚର୍ମରୋଗ ବି ହୋଇଥାଏ । ଆଲର୍ଜି ଆଶଙ୍କା ସବୁଠାରୁ ଅଧିକ । ଏବେ ପାଗ ବଦଳୁଥିବାରୁ ଅଧିକ ସାବଧାନ ରହନ୍ତୁ । ଏହି ସମୟରେ ଜୀବାଣୁ, ଭୀତାଣୁ ଅଧିକ ସକ୍ରିୟ ଥାଆନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପିଲାଙ୍କ ସ୍ୱାସ୍ଥ୍ୟ । କାରଣ ରୋଗରୁ ରକ୍ଷା ଦେଉଥିବା ଖାଦ୍ୟ ଖାଇବାକୁ ସେମାନେ ଭଲପାଆନ୍ତି ନାହିଁ । ସେମାନେ ଯେପରି ପୁଷ୍ଟିକର, ସନ୍ତୁଳିତ ଖାଦ୍ୟ ଖାଇବେ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ପାଣି ଫୁଟାଇ ପିଅନ୍ତୁ । ଚାହାରେ

ଅଦା ଛେଚି ପକାନ୍ତୁ । ତାଜା ଫଳ ଓ ସବୁଜ ପନିପରିବା ପର୍ଯ୍ୟାପ୍ତ ପରିମାଣରେ ଖାଆନ୍ତୁ । ଜଳଖିଆରେ ଦଲିୟା ଖାଆନ୍ତୁ । ପାନ୍ତିହେଲେ, ଲେମ୍ବୁ ରସ, ଲୁଣ ଓ ଚିନି ପାଣିରେ ମିଶାଇ ପିଅନ୍ତୁ । ତବଚାରେ ମଏଶ୍ଚରାଇଜର୍ ଲଗାନ୍ତୁ । ସପ୍ତାହରେ ତିନି ଦିନ ସ୍ନାନ ପୂର୍ବରୁ ସାରା ଦେହରେ ନଡ଼ିଆ ତେଲ ମାଲିସ କରନ୍ତୁ ।

ମଧୁମେହ ରୋଗୀ ସଚେତନ ହୁଅନ୍ତୁ

- ଶରୀରରେ ମେଦ ବଢ଼ିଲେଏ ଇନସୁଲିନର କାର୍ଯ୍ୟକ୍ଷମତା କମିଥାଏ । ତେଣଉ, ମୋଟା ଲୋକେ ମଧଉମେହ ଭୋଗିବା ଆଶଙ୍କା ଅଧିକ ।

- ଅଧିକ ମିଠା ଖାଇଲେ ମଧୁମେହ ହେବ ଏହି ଧାରଣା ଭ୍ରମାତ୍ମକ । ଟାଇପ୧ ମଧୁମେହ ଏକ ଅଟୋଇମ୍ୟୁନ ରୋଗ । ଆଉ ଟାଇପ୧ ମଧୁମେହ ବଂଶାନୁଗତ ତଥା ଜୀବନଶୈଳୀ ବଦଳିଲେ ହୋଇଥାଏ ।

- ମଧୁମେହ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ହୋଇଥିଲେ ହେଁ ଚିକିତ୍ସା ସମ୍ଭବ । ରୋଗୀ ଏହାର ଗମ୍ଭୀରତା ବାବଦରେ ସର୍ବଦା ଚିନ୍ତା କଲେ, ଫଳ ବିଷମ ହୁଏ । ମଧୁମେହ ରୋଗୀ ମାନସିକ ଅସ୍ଥିରତା ଭୋଗିଲେ ହୃଦରୋଗ ବାହାରେ । ଏ ଭଳି କ୍ଷେତ୍ରରେ ଜୀବନ ବି ଚାଲିଯାଇପାରେ ।

- ରୋଗୀ ସର୍ବଦା ସନ୍ତୁଳିତ ଆହାରକୁ ଗୁରୁତ୍ୱ ଦେବା ଉଚିତ । ଦିନରେ ୬-୭ ଥର ଅଳ୍ପ ଅଳ୍ପ ଖାଇବା ସବୁଠାରୁ ଭଲ ।

- ଗ୍ଲାଇସେମିକ ଇଣ୍ଡେକ୍ସ କମ୍ ଥିବା ଫଳ, ଯଥା- ସେଓ, ଅମୃତଭଣ୍ଡା, କମଳା, ମୌସୁମୀ, ନାସପାତି, ଜାମୁକୋଳି, ପିଜୁଳି ଖାଆନ୍ତୁ । କଦଳୀ, ସପୁରି, ତରଭୁଜ, ଅଙ୍ଗୁର, ସେପଟା ଖାଆନ୍ତୁନାହିଁ । ଆଳୁ ସିଝା ଅଳ୍ପ ପରିମାଣରେ ଖାଇପାରିବେ । ଆଲମଣ୍ଡ୍ ଓ ଅଖରୋଟ ନିଶ୍ଚିତ ଭାବେ ଖାଆନ୍ତୁ । ଏହା ଦ୍ୱାରା ଖରାପ କୋଲେଷ୍ଟେରୋଲ ନଷ୍ଟହୁଏ ।

- ସର୍ବଦା ନିଜର ବୟସ ଓ ଉଚ୍ଚତା ଅନୁଯାୟୀ ଓଜନ ପ୍ରତି ଦୃଷ୍ଟି ଦିଅନ୍ତୁ । ଏହା ଆବଶ୍ୟକତା ଠାରୁ ସାତ ପ୍ରତିଶତ କମ ରହିବା ଭଲ । ଚିକିତ୍ସକଙ୍କ ସହ ପରାମର୍ଶ କରି ସପ୍ତାହରେପାଞ୍ଚ ଦିନ ହାଲୁକା ବ୍ୟାୟାମ କରନ୍ତୁ ।

- ମନେରଖନ୍ତୁ, ଏହା ସଂପୂର୍ଣ୍ଣ ଭଲ ହେବା ଭଳି ରୋଗ ନୁହେଁ । ତେଣୁ, ସଚେତନତା ଜରୁରୀ । ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶୃଙ୍ଖଳିତ ଜୀବନ ସହ ଔଷଧ ସେବନ, ରୋଗକୁ ନିୟନ୍ତ୍ରଣରେ ରଖିଥାଏ ।

ପ୍ରସାଦ ବୋଳିହେବା ପରମ୍ପରା

ଭକ୍ତାମନେ ମନ୍ଦିରରେ ଲାଗି ହେଉଥିବା ନୈବେଦ୍ୟକୁ ପ୍ରସାଦ ରୂପେ ଗ୍ରହଣ କରି ଆନନ୍ଦ ପାଇଥାନ୍ତି । କିନ୍ତୁ କେତେକ ସ୍ଥାନରେ ସେହି ପ୍ରସାଦକୁ ନଖାଇ ଦେହରେ ବୋଳିଲେ ଆନନ୍ଦ ଓ ମୁକ୍ତି ମିଳେ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି । ହିମାଚଳ ପ୍ରଦେଶୀଶ କାଙ୍ଗଡ଼ା ଜିଲ୍ଲାଶରେ ରହିଛି ବ୍ରଜେଶ୍ୱର ଶକ୍ତିପୀଠ । ମାଘ ମାସରେ ଏହି ପୀଠରେ ପ୍ରବଳ ଜନସମାଗମ ହୋଇଥାଏ । ଏହି ପୀଠରେ ମା'ଙ୍କୁ ଲାଗି ହେଉଥିବା ଘିଅ ଓ ଲହୁଣିକୁ ଭକ୍ତମାନେ ଦେହରେ ବୋଳିହୋଇଥାନ୍ତି । ଏହି ପରମ୍ପରା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଛି ବୋଲି ସ୍ଥାନୀୟ ବ୍ରାହ୍ମଣ ତଥାଭକ୍ତମାନେ ମତ ଦିଅନ୍ତି । ଏହି ପ୍ରସାଦକୁ ଶରୀରରେ ବୋଳିବା ଦ୍ୱାବରା ବହୁ ଦୂରାରୋଗ୍ୟରୁ ମୁକ୍ତିମିଳେ ବୋଲି ଭକ୍ତମାନେ ବିଶ୍ୱାସ କରିଥାନ୍ତି । କୁହାଯାଏ ଜଳନ୍ଧର ଅସୁର ସହିତ ଯୁଦ୍ଧ କରିବା ସମୟରେ ମାତା ବ୍ରଜେଶ୍ୱରୀଙ୍କ ଶରରରେ ଆଘାତ ଲାଗିଥିଲା । ମାତାଙ୍କୁ ଏହି କଷ୍ଟରୁ ମୁକ୍ତି ଦେବା ଲାଗି ଦେବଗଣ ମାତାଙ୍କ ଶରୀରରେ ଘିଅ ଓ ଲହୁଣୀ ଲେପନ କରିଥିଲେ । ଯାହାଫଳରେ ମାତା ଆରୋଗ୍ୟ ଲାଭ କରିଥିଲେ । ଏହି ପରମ୍ପରା ଅନୁସାରେ ମାତାଙ୍କୁ ଗୁଆଘିଅ ଓ ଲହୁଣି ଅର୍ପଣ କରାଯାଇଥାଏ । ଏହାକୁ ଭକ୍ତାମନେ ପ୍ରସାଦ ଭାବି ସେବନ ନକରି ଶରୀରରେ ଲଗାାଇ ଆସୁଛନ୍ତି ।

ଆରଥ୍ରାଇଟିସ୍‌ରୁ ସାବଧାନ



ଆରଥ୍ରାଇଟିସର ଏକ ମୁଖ୍ୟ ରୂପ ହେଉଛି 'କଟି କଶେରୁକ ସନ୍ଧିପ୍ରଦାହ' ବା 'ଲୁମ୍ବର ସ୍ପଣ୍ଡିଲାଇଟିସ । ଏହି ରୋଗର ଚିକିତ୍ସା କରାନଗଲେ, ସାଧାରଣତଃ, ମେରରୁଦଣ୍ଡର ଅସ୍ଥି କ୍ଷତିଗ୍ରସ୍ତ ହୁଏ । ଚାଳିଶବର୍ଷ ଟପିବା ପରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଏହାର ଲକ୍ଷଣ ଦେଖାଦେଇପାରେ । ଭୁଲ୍ ଭାବେ ବସି କାମ କରିବା, ଏହାର ଏକ ମୁଖ୍ୟ କାରଣ । ବସିବା ଓ ଚାଲିବା ବେଳେ ମେରୁଦଣ୍ଡ ସିଧା ନରଖିବା, ଅଧିକ ସମୟ ଦୁଇ ଚକିଆ ଯାନରେ ବସିବା, କମ୍ପୁଟଣ ନିକଟରେ ଘଣ୍ଟାଘଣ୍ଟାଧଣି ବସିରହିବା, ବେକ ଝୁଙ୍କାଇ ଫୋନରେ ଅଧିକ ସମୟ ଗପିବା, କାଲସିଅମର ଅଭାବ ଯୋଗୁଁ ମଧ୍ୟ ଏହା ହୋଇପାରେ । ଚିକିତ୍ସା କରାନଗଲେ କଟି, ଗ୍ରୀବାରେ ଯନ୍ତ୍ରଣା ହୁଏ । ଯନ୍ତ୍ରଣା ଧୀରେ ଧୀରେ ବଢ଼େ । ରୋଗ ଗମ୍ଭୀର ହେଲେ କାନ୍ଧ, ଅଣ୍ଟାଧରେ, ବସିବା-ଉଠିବା କାମ କରିବା କଠିନ ହୁଏ । ରୋଗ କ୍ଷେତ୍ରରେ ଶୀଘ୍ର ଚିକିତ୍ସା ହିଁ ସଫଳ ଚିକିତ୍ସା । ହାଡ଼ ଭିତରେ ଥିବା ତରଳ ପଦାର୍ଥ ଶୁଖିଯିବା ସହ ଏହି ରୋଗ ସଂପର୍କିତ । ତେଣୁ ପ୍ରଥମାବସ୍ଥାରେ ତରଳ ପଦାର୍ଥର ପୂର୍ବ-ସ୍ଥିତି ଫେରାଇଆଣିବା ପାଇଁ ଓଜୋନ୍ ଥେରାପି କରାଯାଏ । ଏହି ଥେରାପର ସଫଳତା ହାର ୮୦-୮୫ ପ୍ରତିଶତ । ରୋଗ ଗମ୍ଭୀର ଅବସ୍ଥାରେ ପହଞ୍ଚିସାରିଥିଲେ ରେଡ଼ିଓ ଫ୍ରିକ୍ୱେନ୍ସିର ପ୍ରୟୋଗ କରାଯାଏ । ଅତି ଗମ୍ଭୀର ପରିସ୍ଥିତିରେ ନ୍ୟୁକ୍ଲିଓପ୍ଲାଷ୍ଟି, ଏନିଲୋପ୍ଲାଷ୍ଟି ଓ ରୋବୋଟିକ ସର୍ଜରିର ଆଶ୍ରୟ ନିଆଯାଏ । ଅର୍ଥାତ୍, ରୋଗ ଯେତେ ଯେତେ ପୁରୁଣା ହେଉଥିବ,ସମସ୍ୟା ବଢ଼ିଚାଲିବ । ତେଣୁ, ଏ ବାବଦରେ ସତର୍କତା ସଚେତନତା ସବୁଠାରୁ ଜରୁରୀ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭାରତୀୟ ଦର୍ଶକ...

ସରି ଯାଇଛି ୫୦ ଓଭର ବିଶିଷ୍ଟ କ୍ରିକେଟ୍‌ର ବିଶ୍ୱକପ୍। ଷଷ୍ଠ ଥର ପାଇଁ ବିଶ୍ୱକପ୍ ହାତେଇଛି ଅଷ୍ଟ୍ରେଲିଆ। ପୁଣି ଚାରି ବର୍ଷକୁ ଅପେକ୍ଷା । ନିରାଶ ହୋଇଛନ୍ତି ଭାରତୀୟ କ୍ରିକେଟ୍‌ମୀ ଓ ଦର୍ଶକବୃନ୍ଦ । ଭାରତର ପରାଜୟ ପରେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଦର୍ଶକମାନଙ୍କ ମଧ୍ୟରୁ ଅଧିକାଂଶ ଅପେକ୍ଷା ବି କରି ନଥିଲେ ଅଷ୍ଟ୍ରେଲିଆକୁ କପ୍ ହସ୍ତାନ୍ତରଣ କରାଯିବାକୁ ଦେଖୁବା ନିମନ୍ତେ । ଭାରତୀୟ ଦର୍ଶକମାନେ ତ ଏମିତି ! ନହେବେ ବା କାହିଁକି ଦଶରୁ ଦଶ– ଲିଗ୍ ପର୍ଯ୍ୟାୟରେ ଭାରତର ବିଜୟ । କ୍ୟାପ୍ଟେନ୍ ରୋହିତ ଶର୍ମାଙ୍କ ନୂଆ ଶୈଳୀର ବ୍ୟାଟିଂ, ବିରାଟ କୋହଲିଙ୍କ ପଚାଶତମ ଶତକ ଅର୍ଜନ କରି ଭାରତୀୟ କ୍ରିକେଟ୍‌ର କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ରେକର୍ଡକୁ ଭାଙ୍ଗିବା, ଲିଗ୍ ପର୍ଯ୍ୟାୟରେ ବୋଲରମାନଙ୍କ ଅବିଶ୍ୱସନୀୟ ପ୍ରଦର୍ଶନ, ପୁଣି ପ୍ରଥମ ମ୍ୟାଚ୍ରେ ଫାଇନାଲ୍‌ର ପ୍ରତିଦ୍ୱନ୍ଦୀ ଅଷ୍ଟ୍ରେଲିଆକୁ ପରାଜିତ କରିବା ଇତ୍ୟାଦିକୁ ଦେଖିବା ପରେ ଦର୍ଶକମାନେ ଉଚ୍ଚାକାଂକ୍ଷୀ ହେବାରେ ଅସ୍ୱାଭାବିକତା କିଛି ଅଛି କି ? ପରନ୍ତୁ, ଦିନ ହିଁ ସ୍ଥିର କରିଥାଏ ଭାଗ୍ୟକୁ । ରବିବାର ଠିକ୍ ଏହା ହିଁ ପ୍ରମାଣିତ ହୋଇଥିଲା । ପ୍ରଥମ ଦଶ ଓଭର ଭିତରେ କ୍ୟାପ୍ଟେନ୍ ରୋହିତ୍ ଆଉଟ୍ ହୋଇଯିବା ପରେ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ହାସଲ କରିବା ଆଶା ଭରି ଦେଇଥିଲା ସବୁ ଦର୍ଶକଙ୍କ ମନରେ ଯେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋର୍ ପ୍ରଦାନ କରିବେ । କୋହଲି ମଧ୍ୟ ସତେ ଯେମିତି ଦୃଢ଼ ନିଷ୍ପତ୍ତି ନେଇଥିଲେ ବିଶ୍ୱକପ୍ ଶେଷ ଦିନରେ ଯେତେ ପାରେ ସେତେ ଦୀର୍ଘ ସମୟ ବ୍ୟାଟିଂ କରିବାକୁ । ପରନ୍ତୁ, ପ୍ୟାଟ୍ କମିନସ୍‌ଙ୍କର ଏକ ସର୍ଟ ଅଫ୍ ଲେଙ୍ଗଥ୍ ବଲ୍‌ରେ ପ୍ଲେଡ୍ ଅନ୍ ହୋଇଯିବା ତାଙ୍କୁ ଘୋର ନୈରାଶ୍ୟ ଭିତରକୁ ଠେଲି ଦେଇଥିଲା। କୋହଲି ବିଶ୍ୱାସ କରି ପାରି ନଥିଲେ ପରିସ୍ଥିତିର ପରିବର୍ତ୍ତନକୁ। ହତବିମ୍ବ ହୋଇ କିଛି ସମୟ ଛିଡ଼ା ହୋଇଥିଲେ କ୍ରିଜ୍‌ରେ । କିନ୍ତୁ ତାହା ହିଁ ବିରାଟ ମୋଡ଼ ଥିଲା ମ୍ୟାର, ଯାହା ପରେ ଅଷ୍ଟ୍ରେଲୀୟ ବୋଲରମାନଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା । ଅଷ୍ଟ୍ରେଲୀୟ ବୋଲରମାନେ ଭାରତର ବ୍ୟାଟସ୍‌ମ୍ୟାନ୍‌ମାନଙ୍କ କାମକୁ ସେମାନଙ୍କର ମାପିଚୁପି ଶୃଙ୍ଖଳିତ ବୋଲିଂ ମାଧ୍ୟମରେ ଅତ୍ୟନ୍ତ କଷ୍ଟକର କରି ଦେଇଥିଲେ। ଶେଷରେ ଭାରତ ତା'ର ସମସ୍ତ ୱିକେଟ୍ ହରାଇ କରିଥିଲା ଅତି ଅଳ୍ପ ରନ୍। ୨୪୧ ରନ୍‌ର ଏକ ଲକ୍ଷ୍ୟ ହାସଲ କରିବା ଅତି ସହଜ ପ୍ରମାଣିତ ହୋଇଥୁଲା, ଯେତେବେଳେ କମିନସ୍‌ଙ୍କ ଟିମ୍ ତାହା ହାସଲ କରିବା ନିମନ୍ତେ ସଂଘର୍ଷ କରିବାର ଇଚ୍ଛା ପ୍ରଦର୍ଶନ କରିଥିଲେ । ଏକ ଦିନରେ ଯେତେବେଳେ ଭାରତୀୟ ଖେଳାଳିମାନେ ସେମାନଙ୍କର ସକାରାତ୍ମକ କ୍ରିକେଟ୍ ଖେଳକୁ ଏକ ପବନର ଢେଉ ଏବଂ ଆଳସ୍ୟ ଭିତରକୁ ଫିଙ୍ଗି ଦେଇଥିଲେ, ସେମାନଙ୍କର ଅକଳ୍ପନୀୟ ବ୍ୟାଟିଂ ପ୍ରଦର୍ଶନ ସେମାନଙ୍କ ପତନକୁ ଡାକି ଆଣିଥିଲା । ଶେଷରେ ରୋହିତ ଏବଂ ତାଙ୍କର ସାଥୀମାନେ ହତାଶ ହୋଇ ଚାହିଁ ରହିଥିଲେ, ଯେତେବେଳେ ଅଷ୍ଟ୍ରେଲିଆର ଖେଳାଳିମାନେ 'ଆମେମାନେ ଚାମ୍ପିଅନ୍' ସଙ୍ଗୀତର ତାଳେ ତାଳେ ଝୁମୁଥିଲେ, ନାଚୁଥିଲେ। ନିଜର ମୁହଁକୁ ଟୋପିରେ ଢାଙ୍କି ଏବଂ ଶିଶୁସୁଲଭ ଭାବପ୍ରବଣତାର ସହିତ ରୋହିତ ପୁରସ୍କାର ବିତରଣ ସମୟରେ ପ୍ରାୟତଃ ନିଜ ଆଖି ବନ୍ଦ କରି ଦେଉଥିଲେ । ସଚିନ୍ ତେନ୍ଦୁଲକର ଏବଂ ରାହୁଲ ଦ୍ରାବିଡଙ୍କର ସବୁ ପ୍ରକାରର ସାନ୍ତନା ତାଙ୍କୁ କୌଣସିମତେ ସ୍ୱାଭାବିକ କରିପାରୁ ନଥିଲା । ସବୁକିଛି ଯେମିତି ଶେଷ ହେବାକୁ ଥିଲା, ଏସବୁ ଘଟଣା ସେମିତି ନଥିଲା । କାରଣ ଭାରତ ତ ଭିନ୍ନ କଥା, ବିଶ୍ୱର କୌଣସି କ୍ରିକେଟ୍ରେମୀ ମଧ୍ୟ ଏଯାବତ୍ ପରାଜୟର ସ୍ୱାଦ ଚାଖି ନଥିବା ଭାରତୀୟ ଦଳ ଏମିତି ଏକ ଶୋଚନୀୟ ପରାଜୟ ଭୋଗିବାର ଆଶା ସୁଦ୍ଧା କରି ନଥିଲେ । କିନ୍ତୁ ଚାପରେ ମଧ୍ୟ ଧୈର୍ଯ୍ୟ ରଖିବା ଓ ଉତ୍କଣ୍ଠାକୁ ଦମନ କରିବା ସମ୍ଭବତଃ ସେମାନଙ୍କ ପାଇଁ ସହଜ ହୋଇ ନଥିଲା। ଅପର ପକ୍ଷରେ ଅଷ୍ଟ୍ରେଲିଆର ବୋଲରମାନେ ଲଗାତର ଭଲ ବୋଲିଂ କରିବା ବଜାୟ ରଖିଥିଲେ, କାରଣ ସେମାନେ ଜାଣିଥିଲେ ଯେ ସେମାନଙ୍କ ଶୃଙ୍ଖଳା ରକ୍ଷା ହିଁ ସେମାନଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟ୍ରେଲିଆ କ୍ୟାପ୍‌ଟେନ୍ ପ୍ୟାଟ୍ କମିନସ୍‌ଙ୍କୁ ଟ୍ରଫି ହସ୍ତାନ୍ତରିତ କରିବାର ବହୁ ପୂର୍ବରୁ ୯୩ ହଜାରରୁ ଅଧିକ ସଂଖ୍ୟକ ଦର୍ଶକଙ୍କ ମଧ୍ୟରୁ ଅଧିକାଂଶ ଷ୍ଟାଡିଅମ୍ ଛାଡ଼ିବାକୁ ଆରମ୍ଭ କରିଥିଲେ। ଆଉ ଏକ ଅବିଶ୍ୱସନୀୟ ଦିବସ ଏକ ଅନୁପଯୁକ୍ତ ସମୟରେ ଆସି ସାରିଥିଲା, ଯାହା ପୂର୍ବରୁ ଭାରତ ଦଶଟି ମ୍ୟାଚ୍ ଅପରାଜିତ ରହିଥିଲା । ଭାରତୀୟ ଟିମ୍‌ର ସାମଗ୍ରିକ ଉଦ୍ୟମ ବଳରେ ଲଗାତର ୧୦ଟି ବିଜୟ ହାସଲ କରିବା ଶିକ୍ଷା ଦେଇଛି ଯେ ଖେଳାଳିମାନଙ୍କ ମଧ୍ୟରେ ପୃଷ୍ଠଭୂମି ଓ ଅଞ୍ଚଳକୁ ନେଇ ବିଭେଦତା ରହିଥିବା ସତ୍ତ୍ୱେ ଏକ ମନ ଏକ ପ୍ରାଣରେ ସେମାନଙ୍କର କାମ ସେମାନଙ୍କୁ ବିଜୟୀ କରାଇ ଥିଲା, ଯାହା ଏକତା ହିଁ ବଳ ପ୍ରବାଦଟିକୁ ପ୍ରମାଣିତ କରିଥାଏ। ସେହିପରି ଅଷ୍ଟ୍ରେଲିଆ ଟିମ୍‌ର ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ଏବଂ ସକାରାତ୍ମକ ମନୋଭାବ ମୂଳରୁ ପରାଜୟ ବରଣ କରିଥିବା ଟିମ୍‌କୁ କିପରି ବିଜୟୀ କରାଏ, ତାହା ଶିକ୍ଷା ଦେଇଛି । ମୋଟାମୋଟି ଭାରତ ପରାଜୟ ବରଣ କରିବା ଯେତିକି ସତ୍ୟ, ସମଗ୍ର ବିଶ୍ୱରେ ଏହାର ଏକତାର ପ୍ରଦର୍ଶନ ପାଇଁ ଛାପ ଛାଡ଼ିଯିବା ମଧ୍ୟ ସେତିକି ସତ୍ୟ ବୋଲି କୁହାଯାଇପାରେ ।

ମହାପ୍ରଭୁ ଶ୍ରୀ ଚୈତନ୍ୟ ଓ ବାଲିଯାତ୍ରା

ଯଶସ୍ୱିନୀ ପଟ୍ଟନାୟକ

ଓଡ଼ିଆ ଆଧ୍ୟାତ୍ମିକ ଚେତନା ଓ ବୈଷ୍ଣବ ଧର୍ମାବଲମ୍ବୀଙ୍କ ଭିତରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଦିଗଦର୍ଶନ ପ୍ରତିଟି ଜୀବନ ପାଇଁ ଦିଗବାରେଣୀ ସଦୃଶ। ହଜାର ବର୍ଷ ପରିଚୟରେ ସମୃଦ୍ଧ କଟକ ସହରର ବାଲିଯାତ୍ରା ପଡ଼ିଆକୁ ଲାଗିଥିବା ମହାନଦୀ ରିଂ ରୋଡ଼ର ପାର୍ଶ୍ୱରେ ରହିଛି ଗଡ଼ଗଡ଼ିଆ ମହାଦେବ ମନ୍ଦିର। ଏହା ଗଡ଼ଗଡ଼ିଆ ଘାଟରେ ପରିଚିତ ଯେଉଁଥିରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ପବିତ୍ର ସ୍ମୃତି ରହିଛି। ବାଲିଯାତ୍ରା ସମ୍ବନ୍ଧରେ ଗବେଷକ ଓ ଐତିହାସିକ ସୂତ୍ର ଅନୁଯାୟୀ ବାଲିଯାତ୍ରା ହେଉଛି ମହାପ୍ରଭୁ ଶ୍ରୀ ଶ୍ରୀ ଚୈତନ୍ୟ ଦେବଙ୍କ ପବିତ୍ର ପଦାର୍ପଣ ସ୍ମୃତି ମହୋତ୍ସବ । ସେହିପରି ଗଡ଼ଗଡ଼ିଆ ଘାଟର ନାମକରଣର ଲୋକକଥା ହେଉଛି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଶେଷ ପରେ ଶ୍ରୀ ଚୈତନ୍ୟ ନବଦ୍ୱୀପକୁ ଫେରିବା ବେଳେ ସେ ସମୟର ସତୀଚୌରା ନିକଟସ୍ଥ ମହାନଦୀ ପୀଠରେ ପଦବ୍ରଜ କରି ଚାଲୁଥିବା ବେଳେ ଲୋକମାନେ ହରିନାମ ସଂକୀର୍ତ୍ତନ ପୂର୍ବନ ସେହି ପବିତ୍ର ବାଲିରେଣୁରେ ନିଜେ ଗଡ଼ି ଯାଇଥିଲେ। ସେ ସମୟର ସହରର ସଂକୀର୍ତ୍ତନ ମଣ୍ଡଳୀ ଓ ବିଭିନ୍ନ ମଠ ମନ୍ଦିରର ଝାଞ୍ଜକୀର୍ତ୍ତନିଆମାନେ ନଦୀକୂଳକୁ ଲୋକାରଣ୍ୟ କରିଦେଇଥିଲେ । ଗଡ଼ଗଡ଼ିଆ ଘାଟରେ ଏବେ ବି ଶ୍ରୀ ଚୈତନ୍ୟଙ୍କ ପବିତ୍ର ପଦଚିହ୍ନରେ ରହିଛି ଯହିଁରେ ୧୫୧୦ ମସିହା ଲିଖିତ ରହିଛି । ସୂଚନାଯୋଗ୍ୟ ଏତଦ୍‌ବ୍ୟତତୀ ମହମ୍ମଦିଆ ବଜାରର ଚୈତନ୍ୟ ମଠରେ ମଧ୍ୟ ଚୈତନ୍ୟ ମହାପ୍ରଭୁଙ୍କ ପବିତ୍ର ପଦଚିହ୍ନ ପୂଜିତ ହେଉଛି । 'ଚୈତନ୍ୟ ପଦପୂତ ଓଡ଼ିଶା ପୁସ୍ତକରେ ମହାପ୍ରଭୁ କାର୍ତ୍ତିକ ପୂର୍ଣ୍ଣିମାର ନିତ୍ୟ ରାସ ଉତ୍ସବ ଦିନ କଟକରେ ପହଞ୍ଚି ଥିଲେ। ତତ୍‌କାଳୀନ ମହାରାଜ ପ୍ରତାପରୁଦ୍ର ଦେବ ଏହି ସ୍ମୃତିକୁ ଉଦ୍‌ଜୀବିତ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ହିଁ ବାଲିଯାତ୍ରା ଉତ୍ସବ ଅନୁଷ୍ଠିତ କରାଇବା ପାଇଁ ପୃଷ୍ଠପୋଷକତା କରିବା ସମ୍ବନ୍ଧରେ ଐତିହାସିକ ତଥ୍ୟ ଉଲ୍ଲେଖ ରହିଛି । କଟକରେ ଗଡ଼ଗଡ଼ିଆ ଘାଟ ଓ ଚୈତନ୍ୟ ମଠ ବ୍ୟତୀତ ସତୀଚୌରା ନିକଟ ଚୈତନ୍ୟ ଘାଟ, ମାନସିଂପାଟଣାର ମସ୍ତରାମ ମଠ ଓ ବଢ଼େଇସାହିରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ସ୍ମୃତି ରହିଛି ।

କେବଳ ରାଜ୍ୟ ଭିତରେ ନୁହେଁ ସମ୍ପ୍ରତି ସର୍ବଭାରତୀୟ ସ୍ତରରେ ବାଲିଯାତ୍ରା ନିଜର ବ୍ୟବସାୟିକ ବିପଣିକୁ ବହୁମୂଖୀ କରିପାରିଛି । ମେଦିନାପୁର ଠାରୁ ଝାଡ଼ଖଣ୍ଡ, ଟାଟା ନଗରଠାରୁ ରାୟପୁର ପର୍ଯ୍ୟନ୍ତ ତଥା ଅନ୍ୟାନ୍ୟ ରାଜ୍ୟର ବ୍ୟବସାୟୀମାନେ ନିଜର ବଜାରକୁ ଏଠାରେ ଖୋଲୁଛନ୍ତି । ସରକାର ରାଜସ୍ୱ ପାଉଛନ୍ତି, ଆଉ ଯାତ୍ରୀ ନିଜ ମନ ପସନ୍ଦର ବାହାର ରାଜ୍ୟର କାରୁକାର୍ଯ୍ୟ ସମ୍ପନ୍ନ ଜିନିଷ ମଧ୍ୟ କିଣିପାରୁଛନ୍ତି । କେବଳ ସେତିକି ନୁହେଁ ଏଠାରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ମଣ୍ଡପରେ ନିୟମିତ ସନ୍ଧ୍ୟାରେ ବାହାର ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଆସୁଛି, ମଣିପୁର, ମେଘାଳାୟ, ଗୁଜୁରାଟ, ପଶ୍ଚିମବଙ୍ଗ, ଆସାମ ଏପରିକି କେରଳରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ ଟିମ୍ ଏଠାରେ ନିଜର କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରାଉଛନ୍ତି । ଯଦିଓ ପ୍ରାଚୀନ ଓଡ଼ିଶାର ଚାମ୍ପୁ, ଦାସକାଠିଆ, ପାଲା ଓ ରାମଲୀଳାକୁ ଦର୍ଶକ ଆଗ୍ରହ ରଖୁଛନ୍ତି କିନ୍ତୁ ଗୋଟିଏ ବଡ଼ ଜିନିଷକୁ ବିଶେଷକରି ଗ୍ରାମାଞ୍ଚଳର ଲୋକମାନେ ନିଶ୍ଚିତ ଅନୁଭବ କରୁଛନ୍ତି ତାହା ହେଉଛି ଯାତ୍ରା ପାର୍ଟି । କାରଣ ବାଲିଯାତ୍ରାରେ କୌଣସି ଯାତ୍ରା ଅପେରା କେବେବି ପଡ଼ିନଥାଏ । ପ୍ରଶାସନ ଏ ନେଇ ଯଦିଓ ଅନୁମତି ଦେଉନାହିଁ ବୋଲି ସେମାନଙ୍କ ପକ୍ଷରୁ ଅଭିଯୋଗ ହେଉଛି ତଥାପି ଏ ନେଇ ସ୍ଥାନାଭାବ ସମ୍ବନ୍ଧରେ କେହି କେହି ମତ ଦିଅନ୍ତି କିନ୍ତୁ ଏନେଇ କୌଣସି ବିଧିବଦ୍ଧ ଆବେଦନ ପତ୍ର ସେମାନେ ପାଇନାହାନ୍ତି ବୋଲି ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ମତ । ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଦିନ ଓ ସନ୍ଧ୍ୟାର ବେପାର ସଉଦା ପରେ ରାତ୍ରୀଟି ଅନ୍ତତଃ ଯାତ୍ରାନାଟ ଭିତରେ ହଜାଇ ସଖାଳୁ ଘରୁକୁ ଫେରି ପାରନ୍ତେ ବୋଲି ମତ ଦିଅନ୍ତି । ରାଜ୍ୟ ସରକାରଙ୍କ ସହଯୋଗରେ ରାଜ୍ୟର ସମସ୍ତ ଜିଲ୍ଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ହାତ ତିଆରି ଜିନିଷ ବିକ୍ରିବଟା କରାଇବା ତଥା ସରକାରଙ୍କ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ଜିଲ୍ଲା ପ୍ରଶାସନର ଓରମାସ୍ ସଂସ୍ଥା ବିଧିବଦ୍ଧ ଭାବରେ ଏହାର ଦାୟିତ୍ୱ ନେଇଥାଏ । ଚଳିତ ବର୍ଷ ଗାନ୍ଧୀଶିଳ୍ପ ବଜାରରେ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟର ତିରିଶଟି ଜିଲ୍ଲା ସମେତ ଦେଶର ଛବିଶଟି ରାଜ୍ୟ ସ୍ୱୟଂ ସହାୟକ ଓ ଶିଳ୍ପଗୋଷ୍ଠୀ ଏଥର ବାଲିଯାତ୍ରାରେ ସେମାନଙ୍କ ସାମଗ୍ରୀ ବିକ୍ରି କରିବାଲାଗି ବ୍ୟବସ୍ଥା କରାଯାଇଛି। ତେବେ ଦୁଃସାହାସିକ ମୌତ୍ କା କୂଆଁ ଏଥର ନିଜର ସାହାସିକ ଖେଳ କୌଶଳ ଦେଖିବାକୁ ମିଳିବ ନାହିଁ । ଗତ ବର୍ଷର ଅଭାବନୀୟ ଦୁର୍ଘଟଣା ପାଇଁ କମିଶନରେଟ୍ ପୋଲିସ ସେମାନଙ୍କୁ ଅନୁମତି ଦେଇନଥିବାର ସୂଚନା ମିଳିଛି ।

ବାଲିଯାତ୍ରାର ଘଟଣା ଅଘଟଣା ତ ବହୁତ । ମହିଳା ଓ ଯୁବତୀଙ୍କୁ ଦୁର୍ବ୍ୟବହାର କରି ପୋଲିସ ବିଭାଗର ମଞ୍ଚରେ ଉଠବସା ହେବାର ଅନୁଭୂତି ଯିଏବା ପାଇଥିବ ସେ ସାରା ଜୀବନ ବାଲିଯାତ୍ରାକୁ ହିଁ ମନେ ରଖିଥିବ । ତେବେ ଗହଳି ଭିତରେ ପକେଟମାରୁ ମଧ୍ୟ ସେମାନଙ୍କ ହାତ୍ ସଫାଇର କମାଲ ଦେଖାଇବାକୁ ଭୁଲି ନଥାନ୍ତି । ତେବେ ଚଳିତ ବର୍ଷ କ୍ଲୋଜ ସର୍କିଟ୍ କ୍ୟାମେରା ବିଶେଷ ଭାବରେ ଲଗାଯିବାର ବ୍ୟବସ୍ଥା ରହିଛି । ବାଲିଯାତ୍ରା ସମୟରେ ଜିଲ୍ଲା ପ୍ରାଶାସନଠାରୁ ମହାନଗର ନିଗମ, କମିଶନରେଟ୍ ପୋଲିସଠାରୁ ଦମକଳ ବାହିନୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଓ ଆଧ୍ୟାତ୍ମିକ ସଂଗଠନମାନେ ନିରନ୍ତର ସେବା ପ୍ରଦାନ କରିଥାଆନ୍ତି । ସେହିପରି ଉଲ୍ଲେଖନୀୟ ଘଟଣା ଥାଏ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏଠାରେ ଅନେକ ଛୋଟବଡ଼ ଅନୁଷ୍ଠାନ ନିଜର ପ୍ରଚାର, ପ୍ରସାର ପାଇଁ ବାଲିଯାତ୍ରାରେ ମାଗଣା ବିଜ୍ଞାପନ ଦେବାର ସୁଯୋଗ ପାଇଥାଆନ୍ତି ଯଦିଓ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଡିଂ, କଟଆଉଟ, ବ୍ୟାନର ଓ ପୋଷ୍ଟରରୁ ରାଜସ୍ୱ ଆଦାୟ ପାଇଁ ବ୍ୟବସ୍ଥା ରହିଛି ତଥାପି ଏହି ଛୋଟବଡ଼ ଅନୁଷ୍ଠାନମାନେ ସେମାନଙ୍କ ବିଜ୍ଞାପନ ପ୍ରଦର୍ଶିତ କରିବାର ସୁଯୋଗକୁ ହାତଛଡ଼ା କରିନଥାନ୍ତି । ପୋଲିସର କଡ଼ା ନଜର ଭିତରେ ପକେଟମାରୁ ମାନଙ୍କ ବ୍ୟତୀତ ଗ୍ରାମାଞ୍ଚଳର ଠାଉରିଆ ଚୋର ଓ ଯୁଆଖେଳାଳୀ ଓ ନିଶାଡ଼ୀମାନେ ପୋଲିସର ନାକନିଶ ତଳେ ନିଜର ଭଲରକମର ଯାଦୁବିଦ୍ୟା ଦେଖାଇଥାଆନ୍ତି ।

ଚଳିତବର୍ଷ ମୌସୁମୀର ବିଳମ୍ବିତ ଢ଼ଙ୍ଗରଙ୍ଗ ନେଇ ଅନେକ ଗାଁ ଗହଳର ହାତ ତିଆରି ସାମଗ୍ରୀ ଏଥର କମ୍ ଆସିପାରେ । ତଥାପି ପ୍ରତିବର୍ଷ ଅପେକ୍ଷା ଚଳିତବର୍ଷ ମଧ୍ୟ ବିଭିନ୍ନ ଝୋଟ ସାମଗ୍ରୀ, ସୋଲ ତିଆରି ଜିନିଷ ଓ କାଇଁଚ ଜିନିଷ ବଜାରକୁ ଆସିବା ସମ୍ବନ୍ଧରେ ସୂଚନା ମିଳିଛି । ବାଲିଯାତ୍ରାରେ କଟକ ବ୍ୟତୀତ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ଚଣ୍ଡୀଖୋଲ ଏପରିକି କେନ୍ଦ୍ରାପଡ଼ା ଅଞ୍ଚଳରୁ ଯାତ୍ରୀ ପରିବହନ ପାଇଁ ତିନିଚକିଆ ଅଟୋ ବ୍ୟତୀତ ଗ୍ରାମାଞ୍ଚଳରୁ ବିଶେଷକରି ରିକ୍ସାବାଲା ଏଠାରେ ନିଜର ପେଟପାଟଣା ତଥା ସପରିବାର ବାଲିଯାତ୍ରା ବୁଲା ପାଇଁ ଯଥେଷ୍ଟ ପୂର୍ବରୁ ବାଲିଯାତ୍ରା ଆଖପାଖ ଅଞ୍ଚଳରେ ଭିଡ଼ ଜମାଇଥାଆନ୍ତି । ସେହିପରି ପ୍ରତିବର୍ଷ ଏହି ସର୍ବବୃହତ୍ ମେଳା ପାଇଁ ଆବଶ୍ୟକ ହେଉଥିବା ଶ୍ରମଜିବୀ ଓ କୌଳିକ ବୃତ୍ତିଧାରୀ ଦିନ ମଜୁରିଆମାନଙ୍କ ସଂଖ୍ୟା କମିବାରେ ଲାଗିଥିବାରୁ ଛୋଟବଡ଼ ଦୋକାନ ଖୋଲିଥିବା ବେପାରିମାନେ ମଧ୍ୟ ବେଶ୍ ଚିନ୍ତିତ ।

ବାଲିଯାତ୍ରାରେ କଟକ ସହର ସତରେ ପୁରି ଉଠିଥାଏ । ମହାନଗରର ମାନ୍ୟତା ପାଇଥିଲେ ବି କଟକରେ ରହୁଥିବା ମୂଳ ଅଧିବାସୀଙ୍କଠାରୁ ଭଡାଟିଆଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ବନ୍ଧୁକୁଣିଆଙ୍କ ଭିଡ଼ । ଢ଼େଙ୍କାନାଳରୁ ଆସି ବିଡ଼ାନାସୀର ନୂଆସାହିରେ ରହୁଥିବା ଜନୈକ ପୁରୁଣା କଟକିଆ ଶ୍ରୀକାନ୍ତ ସାହୁଙ୍କ ମତରେ 'ଯାହାବି ହେଲେ ଗାଁରୁ କୁଣିଆମେତ୍ର ଆସିବେ, ତିସିଲା ବର୍ଷ ଦଶଜଣ ଆସିଥିବା ବେଳେ ଗତବର୍ଷ ସଂଖ୍ୟା ଥିଲା କୋଡ଼ିଏ, ଏବର୍ଷ ନିମନ୍ତ୍ରଣ ବ୍ୟତୀତ ସବୁ ମିଶାଇଲେ ତିରିଶ ଜଣ ଲୋକ ଯିବାଆସିବା କରି ରହିବେ । ତାଙ୍କ ମତରେ କଟକରେ ବନ୍ଧୁ ଘର କରନ୍ତି ବଡ଼ କଚେରୀ ହାଇକୋର୍ଟ ଓ ବଡ଼ମେଡ଼ିକାଲ ପାଇଁ କିନ୍ତୁ ବର୍ତ୍ତମାନ ସମସ୍ତଙ୍କ ଆଖିରେ ବାଲିଯାତ୍ରା ଆଉ ନଡାକିଲେ ବି ମୁହଁ ଫୁଲା କ'ଣ ବା କରିବା ? ସତରେ ବାଲିଯାତ୍ରା ସମୟରେ ଦଶହରାକୁ ଛାଡ଼ିଦେଲେ ସହରରେ ଘରେ ଘରେ କୁଣିଆ ।' ସେମାନଙ୍କ ଭିତରେ ଅପୂର୍ବ ଭାବନାବ, ସୁଖଦୁଃଖ ଓ ବନ୍ଧୁଖୋଜା ଲୋଡ଼ାର ନିବିଡ଼ ପରିବେଶ ସୃଷ୍ଟି କରିଥାଏ ଏହି ବାଲିଯାତ୍ରା । ଭିଡ଼ର ଗହଳିରେ ଚାକଚକ୍ୟର ରୂପରଙ୍ଗରେ ଆଖିବି ଖୋସି ଦେଇପାର, ମନଭରି କିଣିପାର, ଗହଳିରେ ହଜିପାର ଆଉ ନିଜକୁ ବି ଖୋଜିପାର । ପ୍ରତିବର୍ଷ ବାଲିଯାତ୍ରାର ରଙ୍ଗଢ଼ଙ୍ଗ ହିଁ ବଦଳୁଛି ଏହାରି ଭିତରେ ଗୌରବମୟ ଉତ୍କଳୀୟ ନୌବାଣିଜ୍ୟର ଅପୂର୍ବ ପରମ୍ପରାର ସ୍ମୃତିର ପଦଚିହ୍ନ ଦିଗ୍‌ବଳୟରେ ପ୍ରଜ୍ୱଳିତ ହେଉଥିବାବେଳେ ଏହି ମାଟିର ସାଧବପୁଅ ଦିନେ ସମଗ୍ର ବିଶ୍ୱରେ ନିଜ ରାଜ୍ୟକୁ ସମୃଦ୍ଧ ଓ ଗୌରବାନ୍ୱିତ କରୁଥିଲେ । ବାଲିଯାତ୍ରା ପାଇଁ କଳିଙ୍ଗ ବୀର ଏହି ଜାତିର ମଉଡ଼ମଣି ବିଜୁବାବୁଙ୍କ ଅବଦାନକୁ ଏ ମାଟି ନିଶ୍ଚିତ ମନେ ରଖିଛି । ତେବେ ଯାହାହେଉନା କାହିଁକି ବାଲିଯାତ୍ରା ସତରେ ଯୁଗ ଯୁଗର ଯାତ୍ରା, ଅୟୁତ ଯୁଗର ଯାତ୍ରା, ଚିର ପ୍ରତୀକ୍ଷାର ଅପାସୋରା ମୁହୂର୍ତ୍ତ.....

ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

ଧୂମପାନ: ମହିଳାମାନେ ପୁରୁଷଙ୍କଠାରୁ କମ୍ ନୁହଁନ୍ତି

ଗୋପାଳ ମହାପାତ୍ର

ଏବେ ସହର ବଜାରରେ, କଲେଜ ଓ ବିଶ୍ୱବିଦ୍ୟାଳୟ ପରିସରରେ ମହିଳା ଏବଂ ଯୁବତୀମାନେ ସିଗାରେଟ ପିଉଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି । ମହି

ପେଙ୍ଗୁଇନର ମନଦୁଃଖ

ବିଶେଷଜ୍ଞ ମତରେ ମନୁଷ୍ୟ ହେଉଛି ବିଶ୍ୱର ଶ୍ରେଷ୍ଠ ପ୍ରାଣୀ। ତେବେ କେବଳ ଯେ ମନୁଷ୍ୟମାନେ ନିଜ ମନର ଭାବ ପରିପ୍ରକାଶ କରିପାରନ୍ତି ତା' ନୁହେଁ। ପ୍ରାଣୀମାନେ ମଧ୍ୟ



ନିମିଷକରେ ନିଜ ମତକୁ ବିନିମୟ କରିପାରୁଥିବା ପ୍ରକାଶ। ନିକଟରେ ଜାପାନରେ ଏକ ଚିଡ଼ିଆଖାନାରେ ଥିବା ୨୦ବର୍ଷୀୟ ପେଙ୍ଗୁଇନଟି ନିଜ ମନରେ ଭାବକୁ ପରିପ୍ରକାଶ କରିଥିଲା। ସେଠାକାର ମାଇସିରା ଚିଡ଼ିଆଖାନାରେ ଥିବା ଏହି ବୟସ୍କ ପେଙ୍ଗୁଇନର ବାସସ୍ଥଳୀ ନିକଟରେ ଏକ କାର୍ଟୁନ ଚରିତ୍ର ପ୍ରତିମୂର୍ତି ଥିଲା। ହେଲେ ୧୨ ବର୍ଷ ପୂର୍ବେ ଲଗାଯାଇଥିବା ଏହି ଫଟୋଟି ଖରାପ ହୋଇଯିବା କାରଣରୁ ଚିଡ଼ିଆଖାନା କର୍ତୃପକ୍ଷ ତାହା ବାହାର କରିଦେଇଥିଲେ। ତେବେ ଦିନର ଅଧିକାଂଶ ସମୟ ସେହି ପ୍ରତିମୂର୍ତ୍ତି ସହ ଅତିବାହିତ କରୁଥିବା କାରଣରୁ ପେଙ୍ଗୁଇନଟିର ତା' ସହ ଆତ୍ମୀୟତା ହୋଇଯାଇଥିଲା। ପ୍ରତିମୂର୍ତି ବାହାର କରାଯିବା ପରଠାରୁ ପେଙ୍ଗୁଇନଟି ଖାଇବା-ପିଇବା ଏକରକମ ବନ୍ଦ କରିଦେଇଛି। ଗୋଟିଏ କୋଣରେ ହିଁ ବସିରହୁଛି। ପ୍ରାଣୀଙ୍କ ଆତ୍ମୀୟତାର ଏହା ଏକ ପ୍ରକୃଷ୍ଟ ଉଦାହରଣ ଅଟେ।

ହୃଦରୋଗୀଙ୍କୁ ସୁସ୍ଥ ରଖେ 'ତାଇ ଚି'

ନୂଆ ଅଧ୍ୟୟନ ଅନୁସାରେ ତାଇ ଚି ହୃଦଘାତ ପୀଡ଼ିତଙ୍କୁ ସୁସ୍ଥ ହେବାରେ ସାହାଯ୍ୟ କରେ। ଚୀନର ଏହି ପ୍ରାଚୀନ ମାର୍ଶଲ ଆର୍ଟ (ବ୍ୟାୟାମ କୌଶଳ) ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ବିକଳ୍ପ ହୋଇପାରେ। ତେବେ ଏହି ଆରୋଗ୍ୟ କେନ୍ଦ୍ରରେ ସକ୍ରିୟ ଭାବେ ଅଂଶଗ୍ରହଣ ନକରିବା ବିପଦପୂର୍ଣ୍ଣ ହୋଇପାରେ ଏବଂ ହୃଦରୋଗୀଙ୍କ ମୃତ୍ୟୁ ଆଶଙ୍କା ୧୮ ପ୍ରତିଶତ ବୃଦ୍ଧି ପାଇଥାଏ ବୋଲି ଏକ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅଧ୍ୟୟନ ପାଇଁ ହୃଦଘାତ ପୀଡ଼ିତ ୨୯ ଜଣ ବ୍ୟକ୍ତି ତାଇ ଚି ଶ୍ରେଣୀରେ ଅଭ୍ୟାସର ମଜା ନେଇଥିଲେ। ଧୀମା ଗତିର ବ୍ୟାୟାମ ଜାରି ରଖିବାକୁ ତାଇ ଚି ଲୋକଙ୍କୁ ଉତ୍ସାହିତ କରିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଲେ। ଏହି ବ୍ୟାୟାମର ଏକମାତ୍ର ପାର୍ଶ୍ୱ ପ୍ରତିକ୍ରିୟାରେ ମାଂସପେଶୀରେ ସାମୟିକ ଭାବେ ଦରଜ ସେମାନେ ଅନୁଭବ କଲେ। ଏହି ମାର୍ଶଲ୍ ଆର୍ଟ ଅତ୍ୟନ୍ତ ହିତକାରୀ ବୋଲି ବ୍ରାଇନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଅନୁଭବ କରିଛନ୍ତି। ତାଇ ଚିକୁ ଖୁବ ଧୀର ଓ ସହଜ ଭାବେ ଆରମ୍ଭ କରାଯାଇପାରିବ। ତେଣୁ ହୃଦଘାତ ରୋଗୀଙ୍କ ପାଇଁ ଏହା ଏକ ଭଲ ବିକଳ୍ପ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ ଡା.ଏଲିନା ସାଲମୋଇରାଗୋ-ବ୍ଲୋଚର୍ କହିଛନ୍ତି। ରୋଗୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ପରେ ବ୍ୟାୟାମର ବେଗ ଓ ସୋପାନର ତୀବ୍ରତା ବୃଦ୍ଧି କରାଯାଇପାରେ। ତାଇ ଚି ବ୍ୟାୟାମକୁ କମ୍‌ରୁ ମଧ୍ୟମ ତୀବ୍ରତାର ସ୍ତର ପର୍ଯ୍ୟନ୍ତ ନିଆଯାଇପାରେ ବୋଲି ଏଲିନା କହିଛନ୍ତି। ତେବେ ଏହା ହୃଦରୋଗ ଚିକିତ୍ସାର ଅନ୍ୟ ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ସ୍ଥାନ ନେଇନାହିଁ। ପାରମ୍ପରିକ ଆରୋଗ୍ୟ କେନ୍ଦ୍ର ରୋଗୀଙ୍କ ଶାରୀରିକ ଫିଟ୍‌ନେସ୍‌ରେ ସହାୟକ ହୋଇ ନଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅନ୍ୟ ପକ୍ଷରେ ତାଇ ଚି ବ୍ୟାୟାମ କୌଶଳ ଉଭୟ ହୃଦ୍ ଓ ଶାରୀରିକ ଫିଟନେସ ପାଇଁ ପ୍ରକୃଷ୍ଟ। ଅନେକ ଅଧ୍ୟୟନରେ ଯଦି ଏହା ପ୍ରମାଣିତ ହୁଏ, ଆରୋଗ୍ୟ କେନ୍ଦ୍ରରେ ବିଭିନ୍ନ କଠିନ ବ୍ୟାୟାମ ସହିତ ତାଇ ଚିକୁ ସ୍ଥାନ ଦେବା ସମ୍ଭବପର ହେବ।

- ପ୍ରତିଦିନ ଠିକ ସମୟରେ ଭୋଜନ କରନ୍ତୁ।
- ଆବଶ୍ୟକ ଅନୁଯାୟୀ ଖାଆନ୍ତୁ।
- ଭୋଜନ କରିବାର କିଛି ସମୟ ପୂର୍ବରୁ ଚା' କିମ୍ବା କଫି ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଭୋକ ମରିଦୟାଇଥାଏ।
- ଗରମ ଭୋଜନ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ।
-ଭୋକ ହେଲେ ଭୋଜନ କରନ୍ତୁ।
- ଯାହା ଖାଇବାକୁ ହୋଇ ଖାଦ୍ୟକୁ ନବାଛି ଖାଆନ୍ତୁ।
- ହଜମ ହୋଇ ନଥିଲେ କିମ୍ବା ଜ୍ୱର ହୋଇଥିଲେ ହାଲକା ଖାଦ୍ୟ ଖାଆନ୍ତୁ।
- ଖଟା ଲାଗୁଥିବା ଫଳ ଖାଆନ୍ତୁ ନାହିଁ।
- ସକାଳେ ହାଲକା ଖାଆନ୍ତୁ। ପେଟ ପୂରିଲା ପରି ଖାଆନ୍ତୁ।
- ଗୋଟେ ଥର ଖାଇବାର ଛଅରୁ ସାତଘଂଟାପରେ ଖାଆନ୍ତୁ। ମଝିରେ ମଝିରେ ହାଲକା ଖାଦ୍ୟ ଖାଆନ୍ତୁ।
-ଗ୍ୟାସ ସମସ୍ୟା ଥିଲେ ବିରି ଡାଲି କିମ୍ବା ଚଣା ଡାଲି ଖାଆନ୍ତୁ ନାହିଁ।
- ଖାଦ୍ୟକୁ ଅତ୍ୟଧିକ ସିଝାଇ ଖାଆନ୍ତୁ ନାହିଁ।

ଏହି ଦିନ ମାନଙ୍କରେ କିଣନ୍ତୁ ନାହିଁ ଜୋତା: ମାଡ଼ି ଆସିବ ଦାରିଦ୍ରତା

ଅବ୍ୟବହୃତ କିମ୍ବା ପୁରୁଣା ଜୋତା ଏବଂ ଚପଲ ଫିଙ୍ଗିବା ବିଷୟରେ ମଧ୍ୟ ଉଲ୍ଲେଖ ବାସ୍ତୁ ଶାସ୍ତ୍ରରେ ଉଲ୍ଲେଖ ରହିଛି। ବାସ୍ତୁ ଶାସ୍ତ୍ରରେ ଶୁଭ ଓ ଅଶୁଭ ଦିନ ଉପରେ ବିସ୍ତାର ଭାବେ କୁହାଯାଇଛି। ଏହାକୁ ଅନୁସରଣ କଲେ ଜୀବନରେ ଆସୁଥିବା ବହୁ ବାଧାବିଘ୍ନ ଟଳି ଯାଇଥାଏ। ଏପରିକି ଜୀବନରେ ଦେଖାଦେଉଥିବା ଜଟିଳତା ବି ବହୁ ମାତ୍ରାରେ ସହଜ ହୋଇଯାଇଥାଏ ବୋଲି ବିଶ୍ୱାସ ରହିଛି। ଯେପରିକି ଘରୁ କୁଆଡେ ବାହାରକୁ ଗଲେ ଶୁଭ ସମୟ ଦେଖି ବାହାରିଥାନ୍ତି। ସେହିପରି କୌଣସି ଜିନିଷ କିଣିଲେ ବା ନୂଆ କରି ଘର ଆରମ୍ଭ କଲେ ଶୁଭଦିନ ଦେଖି କିରିଥାନ୍ତି। ସେହିପରି ଜୋତା କିଣିବାକୁ ବି ବାସ୍ତୁ ଶାସ୍ତ୍ରରେ ନିର୍ଦ୍ଧାରିତ ହୋଇଛି ଦିନ। ଏହି ଦିନ ବାଦ ଅନ୍ୟ ଦିନ ଜୋତା, ଚପଲ କିଣିଲେ ଜୀବନରେ ସମସ୍ୟା ଦେଖାଯିବା ସହ ଦାରିଦ୍ରତା ମାଡ଼ି ଆସିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ଜୋତା କିଣିବାର ଅଶୁଭ ଦିନ: ବାସ୍ତୁ ଶାସ୍ତ୍ର ଅନୁଯାୟୀ ମଙ୍ଗଳବାର, ଶନିବାର କିମ୍ବା ଚନ୍ଦ୍ରଗ୍ରହଣ ଓ ଅମାବାସ୍ୟାରେ ଜୋତା କିଣନ୍ତୁ ନାହିଁ। ଏହି ଦିନ ମାନଙ୍କରେ ଜୋତା କିଣିଲେ ଘରେ ବିଭିନ୍ନ ସମ୍ୟସ୍ୟା ଦେଖାଯାଇଥାଏ। ଘରେ ସବୁବେଳେ ଅଭାବ ଓ ଅନଟନ ଲାଗି ରହିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀରେ ଶନି ଏବଂ ପାଦ ମଧ୍ୟରେ ସମ୍ପର୍କ ରହିଛି। ଏଥିପାଇଁ ବୟସ୍କ ଲୋକମାନେ ଶନିବାର ଦିନ ଜୋତା

କିଣିବାକୁ ବାରଣ କରିଥାନ୍ତି। ଏହି ଦିନ ଜୋତା କିଣିଲେ ଶନିଙ୍କ କୋପ ପଡ଼ିଥାଏ। ଶନି ଦେବ କ୍ରୋଧିତ ହେବା ସହ ଘରେ ଦାରିଦ୍ରତା ଦେଖାଦେଇଥାଏ । ଜୋତା କିଣିବାର ଶୁଭ ଦିନ: ସେହିପରି ଜୋତା କିଣିବାର ଶୁଭଦିନ ରହିଛି। ଶୁକ୍ରବାର ଜୋତା କିଣିଲେ ଶୁଭଫଳ ପ୍ରାପ୍ତି ହୋଇଥାଏ। ଅବ୍ୟବହୃତ କିମ୍ବା ପୁରୁଣା ଜୋତା ଏବଂ ଚପଲ ଫିଙ୍ଗିବା ବିଷୟରେ ମଧ୍ୟ ଉଲ୍ଲେଖ ବାସ୍ତୁ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଆପଣ ନିଜ ଜୋତା, ଚପଲ ଫିଙ୍ଗିବାକୁ ଚାହୁଁଥିଲେ ଶନିବାର ତାହାକୁ କୌଣସି ଶନି ମନ୍ଦିର ବାହାରେ ରଖି ଦିଅନ୍ତୁ। ଏହି ପ୍ରତିକାର ଦ୍ୱାରା ଶନିଙ୍କ କୋପରୁ ରକ୍ଷା ପାଇପାରିବେ ।

ଏହି ଭିଟାମିନ ଅଭାବରୁ ହୋଇଥାଏ ଝିମଝିମ୍

ଅଧିକାଂଶ ଲୋକ ଝିମଝିମର ସମ୍ମୁଖୀନ ହୁଅନ୍ତି। ହାତ କିମ୍ବା ପାଦରେ ଏହି ଲକ୍ଷଣ ଅନୁଭବ ହୁଏ। ଜାଣନ୍ତି କି ଏପରି କାହିଁକି ହୁଏ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ ଭିଟାମିନ୍ ଅଭାବରୁ ଏହି ଲକ୍ଷଣ ଦେଖାଦିଏ। ଭିଟାମିନ୍ ଅଭାବ ଥିଲେ ହାତ, ଗୋଡ କିମ୍ବା ଶରୀରର ଅନ୍ୟ କୌଣସି ଅଂଶରେ ଝିମଝିମ୍ ହୋଇଥାଏ। ତେବେ କେଉଁ ଭିଟାମିନର ଅଭାବ ଶରୀରରେ ଏହି ସମସ୍ୟା ସୃଷ୍ଟି କରେ, ଜାଣନ୍ତୁ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଯେତେବେଳେ ଶରୀରରେ ଭିଟାମିନ୍ ଇ୧୨ର ଅଭାବ ଥାଏ, ସେତେବେଳେ ଅନେକ ସ୍ନାୟୁଗତ ସମସ୍ୟା ଦେଖା ଦେଇଥାଏ। ଏହି ଭିଟାମିନ ଅଭାବ କାରଣରୁ ମୁଣ୍ଡ ବୁଲାଇବା, ଥକ୍କା ଲାଗିବା, ଉଦାସୀନତା, ଗୋଡରେ ପାରେଷ୍ଟେସିଆ ଏବଂ ମାଂସପେଶୀ ଯନ୍ତ୍ରଣା ଭଳି ସମସ୍ୟା ସୃଷ୍ଟି ହୋଇପାରେ। ଇ୧୨ର ଅଭାବ ପ୍ରାୟତଃ ସ୍ନାୟୁ ସମ୍ବନ୍ଧୀୟ ରୋଗ ସୃଷ୍ଟି କରେ। ଏହି କାରଣରୁ, ସ୍ନାୟୁରେ ଝିମଝିମ୍ ଲକ୍ଷଣ ଦେଖାଦିଏ। ଅନେକ ରିପୋର୍ଟରୁ ଜଣାପଡିଛି ଯେ, କେବଳ ଭିଟାମିନ୍ ଇ୧୨ର ଅଭାବରୁ ନୁହେଁ, ବରଂ ଅନ୍ୟ ଭିଟାମିନର ଅଭାବ କାରଣରୁ ମଧ୍ୟ ହାତ ଏବଂ ପାଦରେ ଝିମଝିମ୍ ହୋଇପାରେ। ଯଦି ଉପଯୁକ୍ତ ଖାଦ୍ୟ ଅଭ୍ୟାସ ନଥାଏ ତେବେ ଶରୀରରେ ଭିଟାମିନ୍ ଅଭାବ ଦେଖାଯାଏ।

ରୋମାନ୍ସ ନୁହେଁ, ପୁରୁଷଙ୍କ ପସନ୍ଦ ବ୍ରୋମାନ୍ସ

ମହିଳା ସାଥୀଙ୍କ ସହ ରୋମାଂଟିକ୍ ସମ୍ପର୍କ ତୁଳନାରେ ଯୁବା ପୁରୁଷଙ୍କ ମଧ୍ୟରେ ବ୍ରୋମାନ୍ସ (ଅନ୍ୟ ପୁରୁଷଙ୍କ ସିହ ନିବିଡ଼ ବନ୍ଧୁତ୍ୱ) ଭାବନାତ୍ମକ ରୂପେ ଅଧିକ ସନ୍ତୋଷଜନକ, ଏକ ଅଧ୍ୟୟନ ଏହା ଜାଣିବାକୁ ପାଇଛି। ଇଂଲଣ୍ଡର ୱିଚେଷ୍ଟର ୟୁନିଭର୍ସିଟିର ଗବେଷକମାନେ ୩୦ ଜଣ ସ୍ନାତକ ପୁରୁଷଙ୍କୁ ପରୀକ୍ଷା କରିଥିଲେ। ଗର୍ଲଫ୍ରେଣ୍ଡଙ୍କ ତୁଳନାରେ ଘନିଷ୍ଠ ପୁରୁଷ ବନ୍ଧୁ ସେମାନଙ୍କୁ କମ୍ ପରଖିଥିବା ଜଣାପଡ଼ିଥିଲା। ଫଳରେ ରୋମାନ୍ସ ତୁଳନାରେ ବ୍ରୋମାନ୍ସରେ ଦ୍ୱନ୍ଦ୍ୱ ଦୂର କରି ଭାବନାର ଅଭିବ୍ୟକ୍ତି ପୁରୁଷଙ୍କ ପକ୍ଷେ ଅଧିକ ସହଜ ହୋଇଥିଲା। ମେନ୍ ଆଣ୍ଡ ମାସ୍କୁଲିନିଟିଜ୍ ପତ୍ରିକାରେ ଏହି ଅଧ୍ୟୟନ ପ୍ରକାଶ ପାଇଛି। ବ୍ରୋମାନ୍ସରେ ପୁରୁଷଙ୍କ ମଧ୍ୟରେ ପ୍ରଗତିଶୀଳ ବିକାଶର ପରିଚୟ ମିଳିପାରେ ବୋଲି ଏଥିରେ ପ୍ରସ୍ତାବ ଦିଆଯାଇଛି। କିନ୍ତୁ ଏହି ପ୍ରଗତି ବିଷମଲିଙ୍ଗଗତ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି ମଧ୍ୟ ଗମବେଷକମାନେ ଉଲ୍ଲେଖ କରିଛନ୍ତି। ଉଦାହରଣସ୍ୱରୂପ, ମଜବୁତ ବ୍ରୋମାନ୍ସ ପୁରୁଷ ଓ ମହିଳାଙ୍କ ପାରମ୍ପରିକ ଜୀବନଯାପନ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିପାରେ ବୋଲି ମଧ୍ୟ ସେମାନେ କହିଛନ୍ତି।

ଘରେ ତିଆରି କରନ୍ତୁ କଞ୍ଚା ଲଙ୍କା ମଟନ୍

ଆବଶ୍ୟକ ସାମଗ୍ରୀ: ଖାସି ମାଂସ, ପିଆଜ ବଟା,ଅଦା ରସୁଣ ବଟା, କଞ୍ଚା ଲଙ୍କା, ଗରମ ମସଲା, କଟା ଧନିଆ ପତ୍ର, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସୋରିଷ ତେଲ ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଲଙ୍କାରୁ ମଞ୍ଜି ବାହାର କରି ଛେଚି ରଖନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ପିଆଜ ଓ ଅଦା ରସୁଣ ବଟା ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଲଙ୍କା ଗୁଣ୍ଡ, ଆବଶ୍ୟକ ଅନୁଯାୟୀ ଲୁଣ ଓ ହଳଦୀ ଗୁଣ୍ଡ ପକାଇ ମସଲାକୁ ଅଳ୍ପ ସମୟ ପାଇଁ କଷନ୍ତୁ। ମସଲା କଷି ହେବା ପରେ ସେଥିରେ ଛେଚା କଞ୍ଚା ଲଙ୍କାକୁ ପକାଇ ପୁଣି କଷନ୍ତୁ। ମସଲା କଷି ହେବାପରେ ମଟନକୁ ପକାଇ ଦିଅନ୍ତୁ । ଏହାପରେ ମାଂସକୁ ଭଲ ଭାବେ କଷନ୍ତୁ।

ମାଂସ କଷି ହେବା ପରେ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ଏହାପରେ ମାଂସ ସିଝିବା ପାଇଁ ୩୦ ରୁ ୪୫ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଘୋଡଣୀ ବାହାର କରି କଟା ଧନିଆ ପତ୍ର ଓ ଗରମ ମସଲା ପକାଇ ଗ୍ୟାସକୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ' କଞ୍ଚା ଲଙ୍କା ମଟନ୍। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।

ଘରେ ପ୍ରସ୍ତୁତ କରନ୍ତୁ ସୁଇଟକର୍ଣ୍ଣ ସୁପ୍

ଶୀତ ଦିନରେ ସୁଇଟ କର୍ଣ୍ଣ ସୁପ୍ ପିଇବାକୁ ଭଲ ଲାଗିଥାଏ

ଆବଶ୍ୟକ ସାମଗ୍ରୀ: ଆମେରିକାନ ସୁଇଟ କର୍ଣ୍ଣ, ଗାଜର, ଫ୍ରେଞ୍ଚ ବିନ୍ସ, ପିଆଜ, ରସୁଣ, ତେଜପତ୍ର, ଗୋଲମରିଚ ଗୁଣ୍ଡ, ବଟର, ଲୁଣ, ଧନିଆପତ୍ର, କର୍ଣ୍ଣଫ୍ଲୋର ।

ପ୍ରସ୍ତୁତି ପ୍ରଣାଳୀ: ଏକ ପ୍ୟାନ୍‌ରେ ପାଣି ଗରମ କରନ୍ତୁ। ସେଥିରେ କଟା ହୋଇଥିବା, ଗାଜର, ଫ୍ରେଞ୍ଚ ବିନ୍ସ, କଟା ପିଆଜ, କଟା ରସୁଣ, ତେଜପତ୍ର, ଗୋଲମରିଚ ଗୁଣ୍ଡ ପକାନ୍ତୁ। ତାହାକୁ ଭଲ ଭାବେ ଫୁଟିବାକୁ ଦିଅନ୍ତୁ। ଏହାପରେ ଏହାକୁ ଛାଣି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଭେଜିଟେବୁଲ ଷ୍ଟକ୍ । ଆଉ ଏକ ପାତ୍ରରେ କିଛି ବଟର ନିଅନ୍ତୁ। ତାହା ଗରମ ହୋଇଗଲେ ସେଥିରେ କିଛି ରସୁଣ ପକାନ୍ତୁ। ଏହାପରେ ସେଥିରେ ଛୋଟ ଛୋଟ କଟା ଯାଇଥିବା ଗାଜର ଓ ଫ୍ରେଞ୍ଚ ବିନ୍ସ, ଗ୍ରୀନ ମଟର ପକାନ୍ତୁ। ଏହାପରେ ସେଥିରେ ଆମେରିକାନ ସୁଇଟ କର୍ଣ୍ଣ , ଲୁଣ, ଗୋଲମରିଚ ଗୁଣ୍ଡ, କିଛି ବଟା ହୋଇଥିବାକର୍ଣ୍ଣ ପକାନ୍ତୁ। ଏହାକୁ ହାଲକା ଭାଜନ୍ତୁ। ଏହାପରେ ଭେଜିଟେବୁଲ ଷ୍ଟକକୁ ସେଥିରେ ପକାନ୍ତୁ। ଫୁଟିଗଲା ପରେ ସେଥିରେ କଟା ଧନିଆପତ୍ର, ଅଳ୍ପ ଲୁଣ, କିଛି କର୍ଣ୍ଣଫ୍ଲୋର ଘୋଳ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ସୁଇଟ କର୍ଣ୍ଣ ସୁପ୍। ଶୀତ ଦିନରେ ସୁଇଟ କର୍ଣ୍ଣ ସୁପ୍ ପିଇବାକୁ ଭଲ ଲାଗିଥାଏ।

ଓଡ଼ିଶାରେ ଆନ୍ଧ୍ରର ଆଡ଼ିବନ୍ଧ: ଆନ୍ଧ୍ର ଶସ୍ୟଶ୍ୟାମଳା, ଓଡ଼ିଶା ଚାଷୀ ଜଳକା

ହଜାରେ ହେକ୍ଟର ହେଉଛି ଜଳସେଚିତ, ଓଡ଼ିଶା ଚାଷୀଙ୍କୁ ମିଳୁନି ଟୋପାଏ ପାଣି

ରାୟଗଡା, ୨୧/୧୧ (ନି.ପ୍ର): ଓଡ଼ିଶାରେ ପଶି ଓଡ଼ିଶା ମାଟିରେ ଆନ୍ଧ୍ର ନିର୍ମାଣ କରିଛି ଆଡ଼ିବନ୍ଧ। କେନାଲ ମାଧ୍ୟମରେ ପାଣିକୁ ଶୋଷି ନିଜ ରାଜ୍ୟକୁ କରୁଛି ଶସ୍ୟଶ୍ୟାମଳା। ଅନ୍ୟପଟେ ଓଡ଼ିଶା ସରକାର ଲକ୍ଷାଧିକ ଟଙ୍କା ବିନିଯୋଗ ଆଡ଼ିବନ୍ଧ ନିର୍ମାଣ କରିଥିଲେ ସୁଦ୍ଧା ଚାଷୀଙ୍କ କୌଣସି କାମରେ ଲାଗିଛି। ଓଡ଼ିଶା ଏବଂ ଆନ୍ଧ୍ର ଜଳସେଚନ ପ୍ରକଳ୍ପରେ ଏମିତି ପାର୍ଥକ୍ୟ ସହ ଆନ୍ଧ୍ରର ଅନୁପ୍ରବେଶ ରାୟଗଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି। ରାୟଗଡ଼ା ସଦର ବ୍ଲକ ଡାଙ୍ଗଲୋଡ଼ି ପଞ୍ଚାୟତର କୁଣ୍ଡମ ଗାଁରେ ଦୁଇଟି ପ୍ରକଳ୍ପ ଓଡ଼ିଶା କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିର୍ମାଣ ହୋଇଛି। ପ୍ରଥମ ପ୍ରକଳ୍ପ ପ୍ରାୟ ୫ବର୍ଷ ତଳେ ନିର୍ମାଣ ହୋଇଥିଲା। ତେବେ ନିମ୍ନମାନର କାମ ସହ ରକ୍ଷଣାବେକ୍ଷଣ ଅଭାବରୁ ଚାଷୀଙ୍କ ଜମିରେ ପାଣି ମାଡ଼ିଲାନି। ଶେଷରେ ପ୍ରକଳ୍ପ ଭାଙ୍ଗିରୁଜି ଯାଇଛି। ପ୍ରଥମ ପ୍ରକଳ୍ପର ମାତ୍ର ୩ଶହ ମିଟର ଦୂରରେ ଦ୍ୱିତୀୟ ପ୍ରକଳ୍ପ ପାଇଁ ସ୍ଥାନ ଚିହ୍ନଟ କଲା। ଉଚ୍ଚା ସ୍ଥାନରେ ପାହାଡ଼ିଆ ନାଳ ପାଣିକୁ ଅଟକାଇବା ବଦଳରେ ଖାଲୁଆ ସ୍ଥାନରେ ଗଚ୍ଛିତ କରିଥିଲା। ତେଣୁ ଏହି ପ୍ରକଳ୍ପର ପାଣି ଆଦୌ ଚାଷୀଙ୍କ ଜମିରେ ପହଞ୍ଚିଲା ନାହିଁ। ଯାହାଫଳରେ କୁଣ୍ଡମ, ଗୌଡ଼କୁଣ୍ଡମ ଏବଂ ଖିଜିଲିଙ୍ଗ ଗ୍ରାମର ପ୍ରାୟ ୬ଶହ ହେକ୍ଟର ଜମିରେ ଚାଷ ପାଇଁ ବର୍ଷା ଜଳ ଉପରେ ଚାଷୀ ନିର୍ଭର କରୁଛନ୍ତି। ଓଡ଼ିଶାର ଜଳ ପରିଚାଳନାରେ ଏଭଳି ତ୍ରୁଟିର ସୁଯୋଗ ନେଇ ପ୍ରାୟ ୪ବର୍ଷ ତଳେ ସୀମାନ୍ତ ଗାଁ କୁଣ୍ଡମ ନିକଟସ୍ଥ ଖିଜିଲିଙ୍ଗ ଗାଁରେ ଆନ୍ଧ୍ର ଅନୁପ୍ରବେଶ କରିଥିଲା। ପାହାଡ଼ି ନାଳରେ ବର୍ଷ ତମାମ ପାଣି ରହୁଥିବାରୁ ପାଣିକୁ ଅଟକାଇ ଜଳସେଚନ ପ୍ରକଳ୍ପ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ପ୍ରକଳ୍ପ ସଂପର୍କରେ କେହି ଟେର ପାଇନଥିଲେ। ଦ୍ରୁତଗତିରେ କାମ ଶେଷ କରିବା ସହ କେନାଲ ଦ୍ୱାରା ନିଜ ରାଜ୍ୟକୁ ପାଣି ନେଇଯାଉଛି। ଯାହାଫଳରେ ଆନ୍ଧ୍ରର ସୀମାନ୍ତ ଗାଁ ଲାଡ଼ିରେ ଏକହଜାର ହେକ୍ଟର ଜମି ଜଳସେଚିତ ହେଉଛି। ଏତେ ପରିମାଣରେ ପାଣି ମିଳୁଛି ଯେ ଚାଷୀ ଦୁଇ ଥର ଧାନ ସହ ଥରେ ପରିବା ଚାଷ କରୁଛନ୍ତି। ସରକାର ଜଳସେଚନ ସୁବିଧା କରିବା ପରେ ଚାଷ କ୍ଷେତ୍ରରେ କୌଣସି ଅସୁବିଧା ହେଉନଥିବା ଆନ୍ଧ୍ରର ଚାଷୀ ସାଲପୁ କିଲାକା ଓ ଗଜେନ୍ଦ୍ର ଟିମିକା କହିଛନ୍ତି। ଖାଲୁଆ ଜମିରେ ପ୍ରକଳ୍ପ ହେଲେ କୌଣସି କାମରେ ଲାଗିବ ନାହିଁ ବୋଲି ସେତେବେଳେ ବିଭାଗୀୟ ଅଧିକାରୀଙ୍କୁ ଚାଷୀ ସ୍ୱାର୍ଥକୁ ସେହି ସମୟରେ ଗୁରୁତ୍ୱ ଦିଆଗଲା ବୋଲି ସ୍ଥାନୀୟ ଚାଷୀ ପିମାନା ପୁଆଲା ଏବଂ ରାଉତ ପୁଆଲା କହିଛନ୍ତି। ବଡ଼କଥା ହେଲା ଆନ୍ଧ୍ର ଓଡ଼ିଶାରେ ପଶି ପ୍ରକଳ୍ପ କରି ପାଣି ନେଉଥିଲେ ସୁଦ୍ଧା କ୍ଷୁଦ୍ର ଜଳସେଚନ ବିଭାଗ ଓ ପ୍ରଶାସନ ନିରବ। ଏନେଇ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଆନ୍ଧ୍ର ସରକାର ଓଡ଼ିଶାରେ ଆଡ଼ିବନ୍ଧ ନିର୍ମାଣ କରିବା କଥା ଆଦୌ ଜାଣିନଥିବା କହିଥିଲେ। ଏହାର ତଦନ୍ତ ହେବ ବୋଲି ସଫେଇ ଦେଇଛନ୍ତି।

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଂଟନ ଶିବିର

ଝାରସୁଗୁଡ଼ା, ୨୧/୧୧ (ନି.ପ୍ର): କୋଲାବିରାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଂଟନ ଶିବିର ଅନୁଷ୍ଠିତ ହୋଇଛି। କୋଲାବିରାର ସମସିଙ୍ଗାସ୍ଥିତ ଫୁଟବଲ ପଡ଼ିଆ ଠାରେ ଆୟୋଜିତ ଶିବିରରେ ଝାରସୁଗୁଡା ବିଧାୟିକା ଦୀପାଳି ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିର ଉଦ୍‌ଘାଟନ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ବଂଟନ କରି ଶ୍ରମିକମାନେ କିପରି ଅଧିକରୁ ଅଧିକ ସଂଖ୍ୟାରେ ଅନଲାଇନ ମାଧ୍ୟମରେ ନିଜ ନାମ ପଞ୍ଜିକରଣ କରିବେ ଓ ପଞ୍ଜିକୃତ ଶ୍ରମିକ ମାନଙ୍କର କାର୍ଡ଼ ନବୀକରଣ କରାଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଉପଭୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଷ୍ୟତ। ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରିଥିଲେ। ଶିବିରରେ ସହାୟତା ବାବଦକୁ ମୋଟ ୧୬୩ଜଣଙ୍କୁ ୧,୦୬,୬୭,୦୦୦ଟଙ୍କା ପ୍ରଦାନ କରାଯାଇଛି। ମୃତ୍ୟୁକାଳୀନ ସହାୟତା ବାବଦରେ ୨୯ଜଣଙ୍କୁ ୫୭,୦୦,୦୦୦ଟଙ୍କା, ଅନ୍ତ୍ୟେଷ୍ଟି କ୍ରିୟା ବାବଦରେ ୨୯ଜଣଙ୍କୁ ୧,୪୫,୦୦୦, ବିବାହ ସହାୟତା ବାବଦରେ ୯୩ଜଣଙ୍କୁ ୪୬,୫୦,୦୦୦ ପ୍ରସୂତିକାଳୀନ ସହାୟତା ବାବଦରେ ୮ଜଣଙ୍କୁ ୮୦,୦୦୦ ଓ ଶିକ୍ଷା ସହାୟତା ବାବଦରେ ୪ଜଣଙ୍କୁ ୯୨,୦୦୦ଟଙ୍କା ପ୍ରଦାନ କରାଯାଇଛି। ୨୫୦ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ ଶିବିର ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସସ୍ମିତା ବିଶ୍ୱାଳ, କାର୍ଯ୍ୟକ୍ରମ ପରିଚାଳକ(ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ)ଜନ୍ମେଜୟ ସା, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲ୍ୟାଣ ସଂଯୋଜକ କାନ୍ତେଶ୍ୱର ମହାପାତ୍ର,ପ୍ରଶାନ୍ତ ମଣ୍ଡଳ ଓ ଗୋପାଳ ସେଠ ସହଯୋଗ କରିଥିଲେ।

ଭାଗବତ ଟୁଙ୍ଗି ନିର୍ମାଣକୁ ନେଇ ବିଜେଡି - ବିଜେପି ସମର୍ଥକ ମୁହାଁମୁହିଁ: ନିର୍ମାଣ କାର୍ଯ୍ୟ ବନ୍ଦ କଲେ ସରପଂଚ ଗୋଷ୍ଠୀ, ମାମଲା ଥାନାରେ

ଭୁବନ, ୨୧/୧୧ (ନି.ପ୍ର): ଗାଁ ର ବିକାଶ ହିଁ ପ୍ରକୃତରେ ଦେଶର ବିକାଶ । ଏହାକୁ ହୃଦୟଙ୍ଗମ କରି ନୂତନ ଓଡ଼ିଶା ନିର୍ମାଣ ପାଇଁ ରାଜ୍ୟ ସରକାର ‘ ଆମ ଓଡ଼ିଶା, ନବୀନ ଓଡ଼ିଶା‘ ଯୋଜନା ପ୍ରଣୟନ କରି ପ୍ରତ୍ୟେକ ପଂଚାୟତର ବିକାଶ ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି । ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ପଂଚାୟତରେ ‘ ଆମ ଓଡ଼ିଶା ନବୀନ ଓଡ଼ିଶା‘ ଯୋଜନାରେ ଏକ ଭାଗବତ ଟୁଙ୍ଗି ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ମିଳିଛି । ବ୍ଲକ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ କାମ ଭଲ ହେବା ସକାଶେ ଭାଗବତ ଟୁଙ୍ଗି ର ଗୁରୁ ଭାଇ ମାନେ ନିର୍ମାଣ କାର୍ଯ୍ୟ କରିବାକୁ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ ପରାମର୍ଶ ଦେଇଥିଲେ। ଏହା ପରେ ଭାଗବତ ଟୁଙ୍ଗି ର ଗୁରୁ ଭାଇ ମାନେ ଗତ ୧୫ ତାରିଖ ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ସୋମବାର ସକାଳ ସାଢ଼େ ୮ଟା ସମୟରେ ସରପଂଚ ରଞ୍ଜନ ବାରିକ (ବିଜେପି) ସମର୍ଥକ ମାନେ କାର୍ଯ୍ୟସ୍ଥଳିକୁ ଆସି କାମ ବନ୍ଦ କରିବାକୁ ତାଗିଦ୍ କରିଥିଲେ । ସମିତି ସଭ୍ୟା (ଖୋଦ୍ ବ୍ଲକ ଅଧ୍ୟକ୍ଷା, ବିଜେଡି)ଙ୍କ ସମର୍ଥକଙ୍କ ସହ ସରପଂଚଙ୍କ ସମର୍ଥକଙ୍କ ମଧ୍ୟରେ କିଛି ସମୟ ଧରି ଉଚ୍ଚ ବାଚ, ଯୁକ୍ତି ତର୍କ ଲାଗି ରହିବା ପରେ ସରପଂଚଙ୍କୁ ନ ପଚାରି ତାଙ୍କ ଅଜ୍ଞାତରେ କାମ ହୋଇପାରିବ ନାହିଁ ବୋଲି ଜିଦ୍ ଧରିଥିଲେ । ଏ ସମ୍ପର୍କରେ ଗୁରୁ ଭାଇ ମାନେ ସରପଂଚଙ୍କୁ ଫୋନ୍ ଯୋଗେ ପଚାରିବାରୁ ସେ ମଧ୍ୟ କାମ ବନ୍ଦ ପାଇଁ ଧମକ ଦେବାରୁ ବାଧ୍ୟ ହୋଇ କାମ ବନ୍ଦ କରାଯାଇଥିଲା । ପରେ ଏ ସମ୍ପର୍କରେ ଭୁବନ ଥାନାରେ ସରପଞ୍ଚଙ୍କ ସହ ତାଙ୍କ ସମର୍ଥକ ମୂରଲୀଧର ବେହେରା, ସନ୍ତୋଷ ବାରିକ, ବିଷ୍ଣୁ ପୋଇ ଓ ସେମାନଙ୍କ ସହଯୋଗୀ ମାନଙ୍କ ନାମରେ ଭାଗବତ ଟୁଙ୍ଗି କର୍ମକର୍ତା ଚକ୍ରଧର ପାଣି, ରମେଶ ଚନ୍ଦ୍ର ପାଣି, ଆଦିତ୍ୟ ଚରଣ ସାହୁ, ପ୍ରହଲ୍ଲାଦ ମହାରଣା, ଭୀମସେନ ସାହୁ, ବ୍ରଜବନ୍ଧୁ ରାଉତ, ଅଚ୍ୟୁତାନନ୍ଦ ସାହୁ, ଶଙ୍କର୍ଷଣ ନାୟକ , ଗତିକୃଷ୍ଣ ନାୟକ, ପୂର୍ବତନ ସରପଂଚ ନଟବର ସାହୁ ପ୍ରମୁଖ ସ୍ୱାକ୍ଷର କରି ଭୁବନ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଛି ।

ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ

ପୁରୀ,୨୦ ନଭେମ୍ବର (ହି.ସ.) - ଶିଶୁ ସମାଚାର ପକ୍ଷରୁ ଆଜି ସୁଖଲତା ବାଳିକା ବିଦ୍ୟାଳୟ ରେ ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ ହୋଇ ଯାଇଛି । ଏଥିରେ ଆଡଭୋକେଟ ଶରତ କୁମାର ରାୟଗୁରୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ମୁଖ୍ୟ ଅତିଥି, ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟ ଲକ୍ଷ୍ମୀ ଦାଶ, ପ୍ରଧାନ ଶିକ୍ଷୟତ୍ରୀ ସୁଚରିତା ପ୍ରତିହାରୀ ଅତିଥି ଭାବେ ଯୋଗଦେଇ ଥିଲେ । ପ୍ରଥମେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥି ପରିଚୟ ସହ ସଂପାଦକୀୟ ଅଭି ଭାଷଣ ଦେଇ ଷୋହଳ ବର୍ଷର ସଫଳତା ବର୍ଣ୍ଣନା କଲେ । ଶିଶୁ ଅଧିକାର ଓ କର୍ତବ୍ୟକୁ ସଠିକ୍ କାର୍ଯ୍ୟକାରୀ କରିବା ରେ ଆନ୍ତରିକତା ରହିଲେ ସାମାଜିକ ସ୍ତରରେ ସନ୍ତୁଳନ ହେବ ।

ମାଟିରେ ମିଶୁଛି ହବିଷ୍ୟାଳି ମନ୍ଦିର: ପରିତ୍ୟକ୍ତ ହୋଇ ପଡ଼ିଛି ଶହ ଶହ ବର୍ଷର ମନ୍ଦିର

ପୁରୁଣା ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଧର୍ମ ମାସ କାର୍ତ୍ତିକରେ ଏକାମ୍ର କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ ପ୍ରତିବର୍ଷ। ଏକାମ୍ର ବିକାଶ ପାଇଁ ବିଭିନ୍ନ ଯୋଜନା ହେଉଥିବା ବେଳେ ଏକାମ୍ର କ୍ଷେତ୍ରରେ ଥିବା ହବିଷ୍ୟାଳି ମନ୍ଦିର ଏବେ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ରକ୍ଷଣା ବେକ୍ଷଣ ଅଭାବରୁ ଏହି ମନ୍ଦିର ଅଧା ଅଂଶ ନଷ୍ଟ ହୋଇଯିବା ସହ ଗଛଲତାରେ ଏହା ହଜିଯିବା ଭଳି ଦିଶିଲାଣି। ଏହା ଉପରକୁ ସେଠାରେ ଅସ୍ଥାୟୀ ଦୋକାନ ବସି ଯାଇଥିବାରୁ ମନ୍ଦିରଟି ଆଉ ଠିକଣା ଭାବେ ଦେଖା ଯାଉନାହିଁ। ପବିତ୍ର କାର୍ତ୍ତିକ ମାସ ଚାଲିଥିବା ବେଳେ ସେଠାରେ ଦୀପ ଜଳିବା ତ ଦୂରର କଥା, ମନ୍ଦିରଟି ଅବର୍ଜନା ଘେରରେ ପରିତ୍ୟକ୍ତ ହୋଇ ପଡ଼ିରହିଛି । ପ୍ରତ୍ନତତ୍ତ୍ୱ ବିଭାଗ ଏହି ମନ୍ଦିରର ପୁନରୁଦ୍ଧାର ପାଇଁ କେବେ ଚେଷ୍ଟା ବି କରିବାର ଖବର ନାହିଁ। ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ପ୍ରାୟ ଶହେ ମିଟର ଦୂରରେ ରାସ୍ତାକଡ଼ରେ ରହିଛି ଏହି ପ୍ରଚୀନ ହବିଷ୍ୟାଳି ମନ୍ଦିର। ସ୍ଥାନୀୟ ହାଟସାହି ମଧ୍ୟ ଦେଇ କପିଳେଶ୍ୱର ଆଡ଼କୁ ଯିବାବେଳେ ଦକ୍ଷିଣ ପାର୍ଶ୍ୱରେ ପଡ଼େ ଏହି ମନ୍ଦିର। କାରୁକାର୍ଯ୍ୟରୁ ଏହା ଅତି ପ୍ରଚୀନ ବୋଲି ଜଣାପଡ଼େ। ତେବେ ଜଣାଯାଏ, ଆକାରରେ ଛୋଟ ହୋଇଥିବାରୁ ଏ ମନ୍ଦିରର ନିର୍ଦ୍ଦିଷ୍ଟ ଇତିହାସ ବିଷୟରେ ଐତିହାସିକମାନେ ବିଶେଷ ମୁଣ୍ଡ ଖେଳାଇ ନାହାନ୍ତି। ମନ୍ଦିରରେ ରହିଛି ଦୁଇଟି କ୍ଷୁଦ୍ର ଶିବଲିଙ୍ଗ। ମନ୍ଦିରର ଇତିହାସ ସଂପର୍କରେ ଅଧିକ କିଛି ଜଣାପଡ଼ି ନଥିଲେ ହେଁ ସ୍ଥାନୀୟ ଲୋକ ଏହାକୁ ହବିଷ୍ୟାଳି ମନ୍ଦିର ବୋଲି କୁହନ୍ତି। ପ୍ରାୟ ୫୦ବର୍ଷ ପୂର୍ବେ ଆଖପାଖ ଅଞ୍ଚଳର ବୃଦ୍ଧାମାନେ ଏଠାରେ କାର୍ତିକ ମାସରେ ପୂଜା କରୁଥିଲେ ବୋଲି କହନ୍ତି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଅରକ୍ଷିତ ସାହୁ। ତାଙ୍କ କହିବା ଅନୁଯାୟୀ, ଏହି ମନ୍ଦିରଟିରେ ସେତେବେଳେ ସକାଳୁ ଶହ ଶହ ଶହବିଷ୍ୟାଳିଙ୍କ ଭିଡ଼ ହେଉଥିଲା। ଏଠାରେ ଥିବା ଚଉରା ମୂଳେ ମୂରୁଜ ପକାଇ ସେମାନେ ମୂରୁଜରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ରାଧାକୃଷ୍ଣ, ଗରୁଡ଼ ଆଦି ଆଙ୍କି ପୂଜା କରିବା ତଥା ଏହି ମନ୍ଦିରରେ ଥିବା ଶିବଲିଙ୍ଗଙ୍କୁ ପୂଜା କରିବା ସେ ପିଲାଦିନେ ଦେଖିଛନ୍ତି ବୋଲି କହିଛନ୍ତି। ୧୯୭୬ ମସିହାରେ ରାସ୍ତା ଚଉଡ଼ା କରିବା ପାଇଁ ଯୋଜନା କରାଯାଇଥିଲା। ତେବେ ସେଥିରେ ମନ୍ଦରଟି କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ସ୍ଥାନୀୟ ଲୋକ ବିରୋଧ କରିଥିଲେ ବୋଲି ଶ୍ରୀ ସାହୁ କହନ୍ତି। ତେବେ ଏବେ ଏହି ମନ୍ଦିରଟି ସଂପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହାର ଆଦୌ ରକ୍ଷଣା ବେକ୍ଷଣ କରା ଯାଉନାହିଁ। ଫଳରେ ମନ୍ଦିରଟି ଭାଙ୍ଗି ଯାଉଛି। ଏମିତି ଆଉ କିଛି ବର୍ଷ ଚାଲିଲେ, ପୂରା ମନ୍ଦିରଟି ମାଟିରେ ମିଶି ଯିବାର ସବୁ ଆଶଙ୍କା ରହିଛି। ଗଛଲତାରେ ମନ୍ଦିରଟି ଆଚ୍ଛାଦିତ ହୋଇ ଯାଉଥିବାବେଳେ ନିକଟରେ ଏକ ଇଲେକ୍ଟ୍ରି ଟ୍ରାନ୍ସଫର୍ମର୍ ସ୍ଥାପନ କରିବାଦ୍ୱାରା ଏହି ପ୍ରାଚୀନ ମନ୍ଦିରକୁ କେହି ଯେ ତିଳେ ହେଁ ଗୁରୁତ୍ୱ ଦେଉ ନାହାନ୍ତି, ତାହା ପ୍ରମାଣିତ ହୋଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏ ମନ୍ଦିର ସଂପର୍କରେ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ କିମ୍ବା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପାଖରେ ମଧ୍ୟ କୌଣସି ଖବର ନାହିଁ ବୋଲି ଏହାର ଅଧିକାରୀମାନେ କହିଛନ୍ତି।

ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ସ୍ୱଚ୍ଛତା କିଟ୍ ବଂଟନ

ମାଲକାନଗିରି, ୨୧/୧୧ (ନି.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ମାଲକାନଗିରି ମହାବିଦ୍ୟାଳୟର ସଭାଗୃହରେ ମହିଳା ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ବିଷୟରେ ଏକ ସଚେତନତା ସହ ସ୍ୱଚ୍ଛତା କିଟ୍ ବଂଟନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଦେବଦତ ସେଠୀ ଯୋଗଦାନ କରି ଭାରତୀୟ ଗ୍ରାହକ ସାମାଜିକ ମୂଲ୍ୟବୋଧ ଉପରେ ଆଲୋକପାତ କରି ଷ୍ଟେଟ ବ୍ୟାଙ୍କ ତରଫରୁ ଛାତ୍ରୀମାନଙ୍କୁ ଦୁଇଶହ ସ୍ୱଚ୍ଛତା କିଟ ବଣ୍ଟନ କରାଯାଇଥିଲା। ମୁଖ୍ୟବକ୍ତା ରୂପେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦାନ କରି ଛାତ୍ରୀମାନେ କିପରି ସୁରକ୍ଷିତ ରହି ସମାଜର ମଙ୍ଗଳ ସାଧନ କରିପାରିବେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଇନ୍ଦିରା ପ୍ରଧାନ, ପ୍ରୋଗ୍ରାମ ଅଧିକାରୀ ଜିଲ୍ଲା ସାମାଜିକ ମଙ୍ଗଳ କାର୍ଯ୍ୟାଳୟର ଯୋଗଦାନ କରି ଛାତ୍ରୀମାନଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ଯୋଜନା ସମ୍ପର୍କରେ ବୁଝାଇଥିଲେ। ନମିତା ଦଣ୍ଡସେନା ମହାବିଦ୍ୟାଳୟର ପୂର୍ବତନ ଇତିହାସ ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସଭାରେ ଲିପ୍ସାରାଣୀ ନାୟକ, ଆରତୀ ଲୁଗୁନ, ଶୀତାଂଶୁ ମାଳିନୀ ପରିଡା, ଦୀପ୍ତିରେଖା ମିଶ୍ର, ଲକ୍ଷ୍ମୀ କୁକୁର, ସବିତା ମୁଦୁଲି, ସ୍ନିଗ୍ଧା ସର୍ଦ୍ଦାର ଉପସ୍ଥିତ ରହିଥିଲେ! ଛାତ୍ରୀ ଶ୍ରେୟାଶ୍ରୀ ବାରିକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଭାଟିକୁ ସଫଳ କରିବା ପାଇଁ ଏନ. ସି. ସି ଅଧିକାରୀ ସୁଶାନ୍ତ ମାଝୀ ସହଯୋଗ କରିଥିଲେ। ସଭା ଶେଷରେ ଜାତୀୟ ସେବା ସଂସ୍ଥା ଯୋଜନା ଅଧିକାରୀ ପ୍ରେମରେଖା ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୨୧/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ସାନ୍ତସାହି ଠାରେ ଥିବା ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲ୍ଲା ସ୍ତରୀୟ ଶିଶୁ ବାଟିକା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଙ୍କୀ ଅଟନୋମସ୍ କଲେଜର ଅଧ୍ୟକ୍ଷ ଡ଼ଃ ମୁରଲୀଧର ରଥ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ସିଡିପିଓ ଶ୍ରୀମତୀ କବିତା ନାୟକ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଗିରିଶ ଚନ୍ଦ୍ର କର, ସଙ୍କୁଳ ପ୍ରମୁଖ ବଳରାମ କର, ଜିଲ୍ଲା ସହ ପ୍ରମୁଖ ଦିନେଶ ଦେବରାଜ, ବିଭାଗ ନିରୀକ୍ଷକ ଡ଼ଃ ଲକ୍ଷ୍ମଣ ମହନ୍ତ ପ୍ରମୁଖ ଯୋଗ ଦେଇ ଏଥିରେ ଶିଶୁର ସର୍ବାଙ୍ଗୀନ ବିକାଶ ନିମିତ ସଂପର୍କରେ ଆଲୋଚନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆଲୋଚନାରେ ଅଂଶ ଗ୍ରହ

ଶିଶୁ ବିହାରର ଏକବିଂଶତମ ବାର୍ଷିକ କ୍ରୀଡା

ବାସୁଦେବପୁର, ୨୧/୧୧ (ନି.ପ୍ର): ବାସୁଦେବପୁର ଶିଶୁ ବିହାରର ଏକବିଂଶତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ବିଦ୍ୟାଳୟ ର ସଭାପତି ମାନସ ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଏସ ଡି ପି ଓ ସୌରଭ ଓଡା ଓ ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ ଏହି ଉତ୍ସବ ରେ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ୱଳ କାମନା କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ମହାରଣା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । ପିଲା ମାନଙ୍କ ଦ୍ୱାରା ଆକର୍ଷଣୀୟ ପିରାମିଡ଼ ପ୍ରଦର୍ଶନ ହୋଇଥିଲା ଓ ପିଲା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ରେ ସହଯୋଗ କରିଥିଲେ।

ଓଡ଼ିଶାକୁ ଜାତୀୟ ସ୍ତରର ପୁରସ୍କାର

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ସଫେଇ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଓ କଲ୍ୟାଣ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର 'ଗରିମା' କାର୍ଯ୍ୟକ୍ରମ 'ସ୍ୱଚ୍ଛତାରେ ଶ୍ରେଷ୍ଠ ଦକ୍ଷତା ପଦକ୍ଷେପ' ବର୍ଗରେ ଏବଂ ଭୁବନେଶ୍ୱରର ବାସୁଆଘାଇ ସ୍ଥିତ ଫିକାଲ୍ ସ୍ଲଜ୍ ସେପଟ୍ରେଜ୍ ପ୍ଲାଂଟ୍ ର ପରିଚାଳନା କରୁଥିବା କିନ୍ନର ସ୍ୱିକୃତି ଏସ୍‌ଏଚଜିର ଅଧ୍ୟକ୍ଷା ମେଘନା ସାହୁ ପରିମଳ ବିଭାଗରେ ମହିଳା ପରିବର୍ତନକାରୀ ବର୍ଗରେ ପୁରସ୍କୃତ ହୋଇଛନ୍ତି। ନୂଆଦିଲ୍ଲୀରେ ପୁରସ୍କାର ବିଜେତାଙ୍କ ସହ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ପୁରସ୍କାର ସମାରୋହରେ ଯୋଗ ଦେଇଥିଲେ। ୨୦୧୯ ମସିହାରୁ ଆଇଏସସି-ଫିକି ପୁରସ୍କାରରେ ପରିମଳର ବିଭିନ୍ନ ଦିଗ ଉପରେ ଓଡ଼ିଶା କ୍ରମାଗତ ଭାବେ ଏକାଧିକ ପୁରସ୍କାର ଜିତି ଆସୁଛି।ଆଇଏସସି-ଫିକି ପରିମଳ ପୁରସ୍କାର ହେଉଛି ପରିମଳ କ୍ଷେତ୍ରର ପ୍ରମୁଖ ପୁରସ୍କାର ଏବଂ ଛଅ ବର୍ଷରୁ ଅଧିକ ସମୟ ଧରି ଜାତୀୟ ସ୍ତରରେ ସେମାନଙ୍କର ନେତୃତ୍ୱ ପ୍ରତିଷ୍ଠା କରିଛି । ବର୍ଷ ବର୍ଷ ଧରି ଏହି ପୁରସ୍କାର କର୍ପୋରେଟ୍, ଆର୍ଥିକ ଅନୁଷ୍ଠାନ, ଷ୍ଟାର୍ଟଅପ୍, ସ୍ୱେଚ୍ଛାସେବୀ ସଂଗଠନ, ସରକାରୀ ସଂସ୍ଥା ଏବଂ ଆମ ଦେଶର ପରିମଳ କ୍ଷେତ୍ରରେ ଏକ ସକାରାତ୍ମକ ପରିବର୍ତନ ଆଣିବାକୁ ପ୍ରୟାସ କରୁଥିବା ଅନ୍ୟାନ୍ୟ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ପ୍ରୟାସକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଜଗନ୍ନାଥ ଚାରଣ ଗୋଷ୍ଠୀର ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା

ଖଇରା,୨୧/୧୧(ନିପ୍ର) ପୁରୀର ଅନ୍ତର୍ଜାତୀୟ ଜଗନ୍ନାଥ ଚାରଣ ଗୋଷ୍ଠୀ ଅନୁବନ୍ଧିତ ପତିରାଜପୁର ଶାଖା ଦ୍ୱାରା ରବିବାର ଖଇରା ବ୍ଲକର ୨ଟି ମହାବିଦ୍ୟାଳୟ ଓ ୧୭ଟି ଉଚ୍ଚ ବିଦ୍ୟାଳୟ ରେ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା-୨୦୨୩ ସମ୍ପର୍ଣ୍ଣ ହୋଇ ଯାଇଛି ।ଏଥିରେ ମୋଟ ୧୦୪୭ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ । ଚାରଣ ଗୋଷ୍ଠୀର ସଦସ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର,କୃଷ୍ଣଚନ୍ଦ୍ର ଦାଶ,ନାରାୟଣ ଜେନା,ପ୍ରହଲ୍ଲାଦ ବେହେରା,ମହେନ୍ଦ୍ର ସେନାପତି,ମନୋରଞ୍ଜନ ଶୁକ୍ଳ,ଅନନ୍ତ କିଶୋର ଉପାଧ୍ୟାୟ,ଗଙ୍ଗାଧର ବେହେରା,ଉଦୟ ନାୟକ,ରବିନ୍ଦ୍ର ମହାନ୍ତି,ବଳରାମ ପଣ୍ଡା,ପ୍ରଫୁଲ୍ଲ ଚନ୍ଦ୍ର ସାହୁ,ଉମାକାନ୍ତ ଗିରି,ସୁରେନ୍ଦ୍ର ରାଉତ,ଅକ୍ଷୟ ପଣ୍ଡା,ଦୁର୍ଯୋଧନ ନାୟକ,ବିଷ୍ଣୁ ବହଳି ପରୀକ୍ଷା ପରିଚାଳନା କରିଥିଲେ । ଓଡିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ସଚେତନ କରାଇବା ତଥା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ଛାତ୍ର ଯୁବ ଗୋଷ୍ଠୀଙ୍କୁ ସାମିଲ କରିବା ଚାରଣ ଗୋଷ୍ଠୀର ଲକ୍ଷ ବୋଲି ସଭ୍ୟ ବୁଦ୍ଧିରାମ ପାଣିଗ୍ରାହୀ କହିଛନ୍ତି ।

ଖଡ଼ଗପୁର ରେଳ ଷ୍ଟେସନରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର (PMBJK) ଆଉଟଲେଟ୍ ଚୁକ୍ତି ଏବଂ ଖଡ଼ଗପୁର ଡିଭିଜନ୍ ଉପରେ ଏସି ପେଡ୍ ଲାଉଞ୍ଜ ଏବଂ ଏସି ୱେଟିଂ ହଲ୍ (ଲେଡିଜ୍ ଆଣ୍ଡ ଜେନେରାଲ୍) ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ: **COM / G.18 / NFR / PMBJK / KGP / 23/1** ତାରିଖ: ୧୭.୧୧.୨୦୨୩ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ବାଣିଜ୍ୟ ପରିଚାଳକ, ଖଡ଼ଗପୁର ଡିଭିଜନ୍, ଦକ୍ଷିଣ ପୂର୍ବ ରେଳପଥ ପ୍ରଧାନମନ୍ତ୍ର ଭାରତୀ ଜନଔଷଧୀ କେନ୍ଦ୍ର (PMBJK) ଆଉଟଲେଟ୍ ଚୁକ୍ତି ଖଡ଼ଗପୁର ରେଲୱେ ଷ୍ଟେସନ ୦୩ (ତିନି) ବର୍ଷ ପାଇଁ ଇ-ନିଲାମ ଆମନ୍ତ୍ରଣ କରିଛନ୍ତି ଯାହା IREPS ୱେବସାଇଟର ଇ-ନିଲାମ ଲିଜ୍ ମଡ୍ୟୁଲରେ ସୂଚିତ କରାଯାଇଛି: http://www.ireps.gov .in. ବର୍ଗ: PMBJK ନିଲାମ କାଟାଲଗ୍ ନଂ: PMBJK-KGP-23-2. ନିଲାମର ତାରିଖ: ୦୪.୧୨.୨୦୨୩ । ନିଲାମ ଆରମ୍ଭ ସମୟ: ୧୪.୦୦ ଘଣ୍ଟା । ନିଲାମ ବନ୍ଦ ସମୟ: ୧୪.୩୦ ଘଣ୍ଟା । ରେଳ ମନ୍ତ୍ରଣାଳୟ ୨୦୨୩ ର ବାଣିଜ୍ୟିକ ସର୍କୁଲାର ୧୨ ଜାରି କରି ରେଳ ଷ୍ଟେସନ ପରିଦର୍ଶନ କରୁଥିବା ଯାତ୍ରୀମାନଙ୍କ କଲ୍ୟାଣ ତଥା କଲ୍ୟାଣ ପାଇଁ ପ୍ରଧାନମନ୍ତ୍ର ଭାରତୀୟ ଜନଔଷଧୀ କେନ୍ଦ୍ର (PMBJK) ଆଉଟଲେଟ୍ ପ୍ରତିଷ୍ଠା କରିଛନ୍ତି। ଖଡ଼ଗପୁର ରେଳ ଷ୍ଟେସନରେ PMBJK ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ହେଉଛି: (a) ସୁଲଭ ମୂଲ୍ୟରେ ଉପଲବ୍ଧ ଗୁଣାତ୍ମକ ଔଷଧ ଏବଂ ଉପଯୋଗୀ ସାମଗ୍ରୀ (ଜନଔଷଧୀ ଉତ୍ପାଦ) ଉପଲବ୍ଧ କରାଇବା ପାଇଁ ଭାରତ ସରକାରଙ୍କ ମିଶନକୁ ପ୍ରୋତ୍ସାହିତ କରନ୍ତୁ । (B) ରେଳ ଷ୍ଟେସନରେ ଯାତ୍ରୀ / ପରିଦର୍ଶକଙ୍କୁ ସହଜରେ ଜନଔଷଧୀ ଉତ୍ପାଦକୁ ପ୍ରବେଶ କରିବାକୁ ସକ୍ଷମ କରନ୍ତୁ । (C) ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ସମାଜର ସମସ୍ତ ବିଭାଗ ମଧ୍ୟରେ ସୁସ୍ଥତା ଏବଂ କଲ୍ୟାଣ ବୃଦ୍ଧି କରନ୍ତୁ । (d) ରୋଜଗାରର ସୁଯୋଗ ସୃଷ୍ଟି କରନ୍ତୁ ଏବଂ PMBJKs ଖୋଲିବା ପାଇଁ ଉଦ୍ୟୋଗୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରନ୍ତୁ ।

PMBJK ର ଇ-ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ମାନଦଣ୍ଡ: PMBJKର ସମ୍ଭାବ୍ୟ ବିଡରମାନେ ନିମ୍ନରେ ଦିଆଯାଇଥିବା PMBJK ର କାର୍ଯ୍ୟକାରିତା ପାଇଁ ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡକୁ ପୂରଣ କରିବା ଆବଶ୍ୟକ: ବ୍ୟକ୍ତିଗତ ଆବେଦନକାରୀମାନେ **D.Pharma / B.Pharma** ଡିଗ୍ରୀ ଥିବା ଆବଶ୍ୟକ, କିମ୍ବା ସେ / ତାଙ୍କୁ **D.Pharma / B.Pharma** ଡିଗ୍ରୀ ଧାରକମାନଙ୍କୁ ନିୟୋଜିତ କରିବାକୁ ପଡିବ ଏବଂ ଇ-ନିଲାମ ମଡ୍ୟୁଲରେ ସମାନ ଅପଲୋଡ୍ କରିବାକୁ ପଡିବ । କିମ୍ବା ଯେକୌଣସି ସଂସ୍ଥା, ଏନଜିଓ କେନ୍ଦ୍ର ପାଇଁ ଆବେଦନ କରୁଥିବା ଏନଜିଓକୁ **B.Pharma / D.Pharma** ଡିଗ୍ରୀଧାରୀଙ୍କୁ ନିୟୋଜିତ କରିବାକୁ ପଡିବ ଏବଂ ଇ-ନିଲାମ ମଡ୍ୟୁଲରେ ସମାନ ଅପଲୋଡ୍ କରିବାକୁ ପଡିବ । ଇଚ୍ଛୁକ ହିତାଧିକାରୀ / ସମ୍ଭାବ୍ୟ ବିଡରମାନେ ଏହା ଉପରେ ଧ୍ୟାନ ଦେବା ପାଇଁ ଏବଂ (i) ଅବସ୍ଥାନ, (ii) ଚୁକ୍ତିନାମାର ସ୍ୱତନ୍ତ୍ର ସର୍ତ୍ତ, (iii) ଆସୋସିଏଟେଡ୍ ପଲିସି, (iv) କାର୍ଯ୍ୟର ପରିସର, (v) PMBI ଗାଇଡଲାଇନ, (vi) ଇ-ନିଲାମ ସମୟରେ ବିଡରଙ୍କ ଦ୍ୱାରା ଅପଲୋଡ୍ ହେବାକୁ ଥିବା ଆଫିଡେଭିଟ୍, (vii) PMBJK ଚଳାଇବା ପାଇଁ ଲାଇସେନ୍ସ ପ୍ରଦାନ, (viii) ମଡେଲ୍ ଦ୍ୱିପାକ୍ଷିକ ଚୁକ୍ତିନାମା (PMBI ସହିତ ସଫଳ ବିଡରଙ୍କ ଦ୍ୱାରା ଦସ୍ତଖତ ହେବା), (ix) ଅନ୍ୟାନ୍ୟ ଇ-ନିଲାମ ମୋଡାଲିଟି ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା । ଅଧିକ ପ୍ରଶ୍ନ / ସ୍ପଷ୍ଟୀକରଣ ପାଇଁ ଦୟାକରି ସିନିୟର ଡିଭିଜନାଲ ବାଣିଜ୍ୟିକ ପରିଚାଳକ, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳ, ରାଜ୍ୟ- ପଶ୍ଚିମବଙ୍ଗ, ଜିଲ୍ଲା- ପଶ୍ଚିମ ମେଦିନୀପୁର, ଖଡ଼ଗପୁର -୭୧୨୩୦୧ କାର୍ଯ୍ୟାଳୟ ସମୟରେ ଯୋଗାଯୋଗ କରନ୍ତୁ କିମ୍ବା ମୋବାଇଲ୍ ନଂ: ୭୫୯୫୦୭୪୭୧୬/୯୦୦୨୦୮୧୯୩୧ରେ ଯୋଗାଯୋଗ କରିପାରିବେ ।/ (ମୁଖ୍ୟ ବାଣିଜ୍ୟିକ ଇନ୍ସପେକ୍ଟର / Sr.DCM କାର୍ଯ୍ୟାଳୟ) ।

ଇ-ନିଲାମ ବିଜ୍ଞପ୍ତି ନଂ: **COM / G.18 / NFR / AC** ପେଡ୍ ଲାଉଞ୍ଜ- **WH / 23/4,** ତାରିଖ: ୧୭.୧୧.୨୦୨୩

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ସିନିୟର ଡିଭିଜନାଲ ବାଣିଜ୍ୟ ପରିଚାଳକ, ଖଡ଼ଗପୁର ବିଭାଗ, ଦକ୍ଷିଣ ପୂର୍ବ ରେଳବାଇ **ଏସି ପେଡ୍ ଲାଉଞ୍ଜ (ଲେଡିଜ୍ ଆଣ୍ଡ ଜେନେରାଲ୍) ପାଇଁ SORO, KGP, BLS** ଏବଂ ଇଉ ୱେଟିଂ ହଲ୍ (ଲେଡିଜ୍ ଆଣ୍ଡ ଜେନେରାଲ୍) ପାଇଁ **KGP, HIJ** ରେଳ ଷ୍ଟେସନରେ ୦୩ (ତିନି) ବର୍ଷ ପାଇଁ ଆମନ୍ତ୍ରଣ କରିଛନ୍ତି ଯାହା ୱେବସାଇଟ http://www.ireps.gov.inରେ ସୂଚିତ । **ବର୍ଗ:** ଦେୟ ଏବଂ ବ୍ୟବହାର । **କାଟାଲଗ୍ ନଂ:** PnU-KGP-MSS-23। **ନିଲାମର ତାରିଖ:** ୦୫.୧୨.୨୦୨୩ **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଣ୍ଟା **ନିଲାମ ବନ୍ଦ ସମୟ:** ୧୩.୧୦ ଘଣ୍ଟା । ଇଚ୍ଛୁକ ପକ୍ଷ ଏବଂ କଣ୍ଟ୍ରାକ୍ଟରମାନେ ଏହା ଉପରେ ଧ୍ୟାନ ଦେବା ଏବଂ ଟ୍ରେନ୍ ଗୁଡିକର ସବିଶେଷ ତଥ୍ୟ ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବସାଇଟ୍ ମାଧ୍ୟମରେ ଯାଆନ୍ତୁ । ଏଣ୍ଡ୍ରି / ସ୍ପଷ୍ଟୀକରଣ ପାଇଁ ଯଦି ଅଛି, ଦୟାକରି ଅଣ୍ଡର ସାଇନ ହୋଇଥିବା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-836)

ସହକାରୀ ବାଣିଜ୍ୟ ପରିଚାଳକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହସ ହସ ମୁହଁରେ ଆପଣଙ୍କ ସେବାରେ

ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବସ୍ତା, ୨୧/୧୧ (ନି.ପ୍ର): ରୂପସାଥାନା ଅଧିନସ୍ଥ ଆମ୍ବଗଡ଼ିଆ ପଞ୍ଚାୟତ ର ଭଗବାନପୁର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ୍ବଗଡ଼ିଆ ବିକାଶ ପରିଷଦ ଓ ଓଡିଶା ରକ୍ତଦାତା ସଂଗଠନ ର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଅଛି । ରକ୍ତଦାତାଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା । ବିକାଶ ପରିଷଦ ର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ପ୍ରାରମ୍ଭରେ ପରିଷଦର ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ଚକ୍ରଧର ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଆୟୋଜିତ ଶିବିରକୁ ଓଡ଼ିଶା ସରକାରଙ୍କ ପୂର୍ବତନ ଅର୍ଥ ପରାମର୍ଶ ଦାତା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ଛୋଟରାୟ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍ଘାଟନ କରିଥିଲେ । ଏହି ସଭାରେ ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଚାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ବକ୍ତା ଭାବେ ଯୋଗଦେବା ସହିତ ବରେଣ୍ୟ ଅତିଥି ଭଗବାନପୁର ଗ୍ରାମ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଭଗବାନ ମହାପାତ୍ର, ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ଡ଼ା. ବସନ୍ତ କୁମାର ଉପାଧ୍ୟାୟ, ବାଲେଶ୍ୱର ରକ୍ତ ଦାତା ସଂଘର ଉପସଭାପତି ତଥା ସମାଜସେବୀ ସୁମନ୍ତ କୁମାର ଜେନା, ସମାଜସେବୀ ଅକ୍ଷୟ କୁମାର ମିଶ୍ର, ଶିକ୍ଷକ ଶ୍ରୀଯୁକ୍ତ ଦୀପକ କୁମାର ପାତ୍ର , ବେତନଟୀ ର ପି ଇ ଓ ଶ୍ରୀ କାର୍ତ୍ତିକ ଚନ୍ଦ୍ର ସାହୁ ତଥା ଡି ଆର ଡି ଓ କଲିକତା ର ବରିଷ୍ଠ ପ୍ରଶାସନ ଅଧିକାରୀ ଶ୍ରୀଯୁକ୍ତ ଭୀମ ଚରଣ ମାଝି ପ୍ରମୁଖ ଅତିଥିଗଣ ଯୋଗଦାନ କରି ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ । ବରିଷ୍ଠ ଟେକ୍ନିସିଆନ୍ ରାଜେଶ୍ ମିଶ୍ର, ବିଜୟ କୁମାର ପଟ୍ଟନାୟକ, ମୋନାଲିସା ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ସେହିପରି ଶ୍ରୀ ଜଗଦିଶ ବ୍ରହ୍ମଚାରୀ , ନୀଳୟ ମହାପାତ୍ର ଓ ଦିବ୍ୟରଞ୍ଜନ ପ୍ରଧାନ ରେଜିଷ୍ଟ୍ରେସନ ରେ ସହଯୋଗ କରିଥିଲେ । ଓଡ଼ିଶା ରକ୍ତକେନ୍ଦ୍ର ର ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ଡା.ବସନ୍ତ କୁମାର ଉପାଧ୍ୟାୟ ଙ୍କ ତତ୍ତ୍ୱାବଧାନରେ ଶିବିରରୁ ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ବୃକ୍ଷ ରୋପଣ ସହିତ ରେଡ୍ କ୍ରସ ଭଲ୍ୟୁଣ୍ଟାରୀ ଶ୍ରୀମାନ୍ ବିଜୟ କୁମାର ଜେନା ଓ ଭୋଗରାଇ ବାଳିକା ମହାବିଦ୍ୟାଳୟ ର +୨ କଳା ରେ ଚଳିତ ବର୍ଷ ଓଡ଼ିଶାରେ ଚତୁର୍ଥ ସ୍ଥାନ ଓ ବାଲେଶ୍ୱର ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ରୀ କୁମାରୀ କସ୍ତୁରୀ ପରିଡ଼ା ଙ୍କୁ ବିକାଶ ପରିଷଦ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା । ଆମ୍ବଗଡ଼ିଆ ବିକାଶ ପରିଷଦ ର କର୍ମକର୍ତ୍ତାଙ୍କ ମହାନତା ପାଇଁ ଓଡ଼ିଶା ରକ୍ତକେନ୍ଦ୍ର ପକ୍ଷରୁ ଆମ୍ବଗାଡ଼ିଆ ବିକାଶ ପରିଷଦକୁ ଏକ' ପ୍ରଶଂସାପତ୍ର ୨୦୨୩' ପ୍ରଦାନ କରାଯାଇଥିଲା । ପରିଶେଷରେ ପରିଷଦର ସଂପାଦକ ଶ୍ରୀଯୁକ୍ତ କୁଳ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମରେ ବାଲ୍ୟବିବାହ କୁପ୍ରଥା ଉଚ୍ଛେଦ ପାଇଁ ନୀଳଗିରି କଲେଜ ଛାତ୍ରଛାତ୍ରୀଙ୍କ ଫ୍ଲାଗ ମାର୍ଚ୍ଚ

ନୀଳଗିରି , ୨୧/୧୧ (ନି.ପ୍ର): ନାରୀ ସର୍ବଶକ୍ତିମାନ, ସେ କଲ୍ୟାଣ କାରିଣୀ। ଏକ ସୁସ୍ଥ ସମାଜ ଗଠନ ଦିଗରେ ନାରୀର ଭୂମିକା ଅତୁଳନୀୟ। ଏଥିପାଇଁ ବାଳିକାରୁ ନାରୀ ହେବାର ଆବଶ୍ୟକତା ରହିଥାଏ। ମାତ୍ର ପ୍ରାଚୀନ କାଳରୁ ଚାଲି ଆସିଥିବା ବାଲ୍ୟ ବିବାହ ଆଜିର ସମାଜରେ ଦାରୁଣ ବେଦନା ପାଲଟିଛି। ଏହି ଦାରୁଣ ବେଦନା ଭିତରେ ବହୁ ନାରୀଙ୍କ ଜୀବନ ଯାଇଛି। ତେଣୁ ବାଲ୍ୟ ବିବାହକୁ ବନ୍ଦ କରିବା ଓ ସୁସ୍ଥ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ନିଳଗିରି କଲେଜ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଏହି ଅବସରରେ ଛାତ୍ର ଛାତ୍ରୀମାନେ ହାତରେ ଫ୍ଲାଗ କାର୍ଡ ଧରି ନିଳଗିରି ସହର ପରିକ୍ରମା କରିବା ସହ ବାଲ୍ୟ ବିବାହ ବନ୍ଦ କରିବା ସୁସ୍ଥ ସମାଜ ଗଠନ କରିବା, ସ୍ଲୋଗାନ ଦେଇ ଗୁଣ୍ଡିଚା ମନ୍ଦିର ଓ ନିଳଗିରି ଜଗନ୍ନାଥ ମନ୍ଦିର ନିକଟରେ ଛାତ୍ରୀମାନଙ୍କ ଦ୍ୱାରା ଅଭିନୟ ମାଧ୍ୟମରେ ବାଲ୍ୟ ବିବାହ ଉପରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରତ୍ୟେକ ପରିବାରରେ ମାନସିକତାର ପରିବର୍ତ୍ତନ ଆଣିବା, ନାରୀ ଶିକ୍ଷାର ପ୍ରସାର କରିବା, ବାଲ୍ୟ ବିବାହ ବନ୍ଦ କରିବା, ବାଲ୍ୟ ବିବାହ କେବଳଅପରାଧ ନୁହଁ ଦୁଇଟି ଜୀବନ ପାଇଁ ଅଭିଶାପ ଅଟେ, ବାଲ୍ୟ ବିବାହ ପୁଅ ଝିଅ ପାଇଁ ଉଭୟ ମାନସିକ , ଶାରିରିକ ସମସ୍ୟା ସୃଷ୍ଟି କରିଥାଏ। ଖେଳ କୁଦ ସମୟରେ ସାଂସାରିକ ଜୀବନ କଟାଇବା ବନ୍ଦ କରାଯାଉ କହି ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିରେଶ କୁମାର ପଣ୍ଡା, ସୁବ୍ରତ କୁମାର ନାୟକ, ନଳିନୀ କୁମାର ପାଢ଼ୀ, ଅଶୋକ ମାଝି, ପ୍ରଦୀପ କୁମାର ଜେନା, ଅଧ୍ୟାପିକା କିରଣବାଳା ସେଠୀ, ରୋଜିନା ରୋଜାଲିନ, ସଂଗୀତା ପାତ୍ର, ବାସନ୍ତୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଗୃହରେ କୋଶଳୀରେ...

ସମେତ ଶହୀଦ ଲାୟନ୍ସ ହାବିଲଦାର ସରୋଜ କୁମାର ଦାସ ଓ ବିଏସଏଫ କନେଷ୍ଟବଳ ପ୍ରକାଶ ଚନ୍ଦ୍ର ସିଅଲଙ୍କ ସମ୍ମାନରେ ଗୃହରେ ଶୋକ ପ୍ରସ୍ତାବ ଆସିଥିଲା । ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଏହି ଶୋକ ପ୍ରସ୍ତାବକୁ ସମର୍ଥନ କରି ଦିବଂଗତଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଶୋକ ପ୍ରସ୍ତାବକୁ ସମର୍ଥନ କରି ଦିବଂଗତ ସଦସ୍ୟମାନଙ୍କ ସ୍ମୃତିଚାରଣ କରିଥିଲେ । ଶ୍ରୀ ମିଶ୍ର ଗୃହରେ ଉଭୟ ଓଡ଼ିଆ ଓ କୋଶଳୀ ଭାଷାରେ ନିଜର ମତ ରଖିଥିଲେ । ଦିବଂଗତମାନଙ୍କ ସମ୍ମାନରେ ଗୋଟିଏ ମିନିଟ୍ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଆଜି ପୂର୍ବାହ୍ନରେ ବିଧାନସଭାର ୫୪ନମ୍ବର ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନ

ବୁଧବାର, ନଭେମ୍ବର ୨୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଉଦଳା ମହାବିଦ୍ୟାଳୟ ସ୍ୱୟଂଶାସିତ ହେବା ଉଚିତ : ଚିନ୍ତାମଣି ମହାନ୍ତ

ଉଦଳା , ୨୦/୧୧ (ନି.ପ୍ର): ଉଦଳା ମହାବିଦ୍ୟାଳୟର ନବନିଯୁକ୍ତ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା ମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଚଳିତ ନଭେମ୍ବର ୧୭ ତାରିଖ ଦିନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଯତିନ କୁମାର ମହାକୁଡ଼ଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସରକାରଙ୍କ ଅନୁମୋଦନରେ ନବନିଯୁକ୍ତ ପରିଚାଳନା କମିଟିର ସଭାପତି ରୁପେ ଅବସରପ୍ରାପ୍ତ ଶିକ୍ଷାବିତ ଚିନ୍ତାମଣି ମହାନ୍ତ ମନୋନିତ ହୋଇଥିବା ବେଳେ, ସଦସ୍ୟ ଚତୁର୍ଭୁଜ ପାତ୍ର, ସୋଏବ ଅହମଦ, ବିଷ୍ଣୁଚରଣ ପାଢ଼ି, ଅଧ୍ୟାପକ ଡ଼. ଆଲୋକ ରଂଜନ ପ୍ରଧାନ, ଅକ୍ଷୟ କୁମାର ବେହେରା, ସଦସ୍ୟା ଲିଲି ଭୋଳ, ଯମୁନାରାଣି ମାର୍ଣ୍ଡି, ରଶ୍ମିତା ପଣ୍ଡା, ଅଧ୍ୟାପିକା ରେହେନା ସୁଲତାନ ପ୍ରମୁଖ ମନୋନିତ ହୋଇଛନ୍ତି । ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ଏହି ନବାଗତ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା ମାନଙ୍କୁ ମହାବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ନବନିଯୁକ୍ତ ସଭାପତି ତାଙ୍କ ବକ୍ତବ୍ୟରେ ଐତିହାସିକ ଉଦଳା ମହାବିଦ୍ୟାଳୟ ସ୍ୱୟଂ ଶାସିତ ହେବା ଉଚିତ ବୋଲି ବ୍ୟକ୍ତ କରିଛନ୍ତି । ଉକ୍ତ ପରିଚାଳନା କମିଟି ଆଗାମି ୩ ବର୍ଷ ପର୍ଯ୍ୟନ୍ତ ନିଜର ଦାୟିତ୍ୱ ତୁଲାଇବ ବୋଲି ଜଣା ପଡ଼ିଛି ।

ଟାଇକୋଣ୍ଡରେ ଭଦ୍ରକ ଜିଲ୍ଲାରୁ ଜାତୀୟସ୍ତରରେ ଖେଳିବେ ତିନି ଖେଳାଳୀ

ଭଦ୍ରକ, ୨୧/୧୧ (ନି.ପ୍ର): ଚଳିତ ମାସ ୧୭ ରୁ ୧୯ ତାରିଖ, ୩ଦିନ ବ୍ୟାପୀ ଓଡ଼ିଶା ଟାଇକୋଣ୍ଡ ଆଶୋସିଏସନ୍ (ପୁରୀ) ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଟାଇକୋଣ୍ଡ ଖେଳରେ ଭାଗ ନେଇ ଭଦ୍ରକ ଜିଲ୍ଲାର ଆରଡ଼ିଛକ ଠାରେ ଥିବା ଭଦ୍ରକ ଟାଇକୋଣ୍ଡ ଟ୍ରେନିଙ୍ଗ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ସବ୍ୟସାଚୀ ବେହେରାଙ୍କ ନତୃତ୍ୱରେ ସୁଦୀପ୍ତା ବାରିକ୍ ଗୋଲଡ଼ ମେଡ଼ାଲ, ସ୍ୱୟଂ ପ୍ରକାଶ ସାହୁ, ବ୍ରୋଞ୍ଜ ମେଡ଼ାଲ, ଆଶୁତୋଷ ସାହୁ ବ୍ରୋଞ୍ଜ ମେଡ଼ାଲ ହାସଲ କରି ନେସନାଲ ଲେବୁଲ ଖେଳିବା ପାଇଁ ସିଲେକ୍ଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାର କୋରକୋରା ଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ପୋର୍ଟ ଇନ୍ ଚାର୍ଜ ଏସ୍ ରାଉତ ଏବଂ ପ୍ରିନ୍ସିପାଲ ପଦ୍ମାବତୀ ଦ୍ୱିବେଦୀ କ୍ରୀଡ଼ାବିତ୍‌ମାନଙ୍କୁ ଧନ୍ୟବାଦ ଅର୍ପଣସହ ଶୁଭକାମନା ଜଣାଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ଭଦ୍ରକ ଶ୍ରେଣୀ ୭ରେ ଅଧ୍ୟୟନରତ ଗୋଲଡ଼ ମେଡ଼ାଲିଷ୍ଟ ସୁଦୀପ୍ତା, ଅବସରପ୍ରାପ୍ତ ଶିକ୍ଷକ ପୀତବାସ ବାରିକ୍‌ଙ୍କର ଏକମାତ୍ର ନାତୁଣୀ ତଥା ଭଗବାନ ବାରିକ, ଫାଇନାନ୍ସ ଏକ୍ସପର୍ଟ, ପ୍ଲାନିଙ୍ଗ କାର୍ଯ୍ୟାଳୟ ଏବଂ ସସ୍ମିତା ବେହେରା ଆସିଷ୍ଟାଣ୍ଟ ମ୍ୟାନେଜର, ଇଣ୍ଡିଆନ୍ ଓରସିଜ୍ ବ୍ୟାଙ୍କ, କୋର୍ବାଙ୍କର ଏକମାତ୍ର କନ୍ୟା ଅଟେ ।

ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ପାଇଁ ମହାମହିମ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା , ୨୧/୧୧ (ନି.ପ୍ର): ଆଜି କୁଳିଅଣା ବ୍ଲକ ପାଣିଜିଆ ଗ୍ରାମଠାରେ ନିର୍ମିତ ନୂତନ ଏକଲବ୍ୟ ଆବାସିକ ବିଦ୍ୟାଳୟକୁ ଉଦ ଘାଟନ ପାଇଁ ଆସିଥିବା ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଙ୍କୁ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ପାଇଁ ଭାରତ ମୁଣ୍ଡା ସମାଜର ୬ ଜଣିଆ ପ୍ରତିନିଧି ଦଳ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଯୁକ୍ତ ଅର୍ଜୁନ ମୁଣ୍ଡାଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି ପ୍ରତିନିଧି ଦଳ ମୁଣ୍ଡା ସମାଜର ସମସ୍ୟା ନେଇ ଶ୍ରୀଯୁକ୍ତ ଅର୍ଜୁନ ମୁଣ୍ଡାଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରି ତାମୁଡିଆ ମୁଣ୍ଡା ଓ ତାମୁଡିଆ ଭୁମିଜ ମାନଙ୍କୁ ଏସ୍ ଟି ଭାବେ ତାଲିକା ଭୁକ୍ତ କରିବା ଦାବୀକୁ ଦୋହରାଇଥିଲେ । ଭାରତ ବର୍ଷରେ ବସବାସ କରୁଥିବା ୧ କୋଟି ରୁ ଉର୍ଦ୍ଧ ମୁଣ୍ଡା ଓ ଭୁମିଜ ଜାତି ହେଉଛନ୍ତି ଅତି ପ୍ରାଚୀନ ଓ ମୁଳ ଆଦିବାସୀ ଅଟନ୍ତି ଓ ତାଙ୍କର ମାତୃଭାଷା ମୁଣ୍ଡାରୀ ଭାଷା ଅଟେ । ମୁଣ୍ଡାରୀ ଭାଷା ର ଅଭିଧାନ କୁ ଏ ନ୍ ସାଇ କ୍ଲୋପେଡିଆ ମୁଣ୍ଡାରିକା କୁହାଯାଏ । ବ୍ରିଡିଶ ଶାସନ ବିରୁଦ୍ଧରେ ଲଢେଇ କରିଥିବା ବିଶିଷ୍ଟ ଜନନାୟକ ସହିଦ ବିର୍ସା ମୁଣ୍ଡାଙ୍କ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତଭୁକ୍ତ କରିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ଠାରେ ପ୍ରତିନିଧି ଦଳ ଦୃଢ ଭାବେ ଦାବୀ କରିଛନ୍ତି । ଏହି ପ୍ରତିନିଧି ଦଳରେ ଥିଲେ ଭାରତ ମୁଣ୍ଡା ସମାଜର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂହ , ଓଡିଶା ରାଜ୍ୟ ସଭାପତି ରବିନ୍ଦ୍ର ନାଥ ସିଂହ, ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂହ , କୋଷାଧ୍ୟକ୍ଷ ବାଇଧର ସିଂହ, ଶିକ୍ଷା ସମ୍ପାଦକ ବିଜୟ କୁମାର ସିଂ ଓ ଯୁବ କମିଟିର ଅଧ୍ୟକ୍ଷ ସବରନ ସିଂ ।

ଦଶମ ଶ୍ରେଣୀ ଛାତ୍ରଙ୍କ ବ୍ୟାଟ ମାଡରେ ଷଷ୍ଠ ଶ୍ରେଣୀ ଛାତ୍ର ଗୁରୁତର

ଖଇରା, ୨୧/୧୧ (ନି.ପ୍ର): ଖଇରା ଥାନା ଅଧୀନ କୁରୁଣ୍ଡା ନୋଡଲ ସ୍କୁଲରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ବ୍ୟାଟ ମାଡରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉକ୍ତ ଛାତ୍ରଙ୍କୁ ଗଣ୍ଡିବେଡର ଏକ ଘରୋଇ ହସିପଟାଲରେ ଚିକିତ୍ସା କରାଯାଇଛି । ଉକ୍ତ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଶିକ୍ଷକଙ୍କ ଅବହେଳା ଯୋଗୁଁ ଏହିଭଳି ଭାବେ ଏକାଧିକ ଘଟଣା ଘଟିଥିବାର ଉକ୍ତ ଗୁରୁତର ଛାତ୍ରଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପ୍ରଧାନଶିକ୍ଷୟତ୍ରୀଙ୍କୁ ପଚାରିବାରେ ଖେଳଛୁଟିରେ କ୍ରିକେଟ ଖେଳ ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା ।ପିଲାଙ୍କ ଅବିଭାବକଙ୍କୁ ଜଣାଇବା ସହ ପିଲାର ଚିକିତ୍ସାର ବ୍ୟବସ୍ଥା କରାଇଥିଲେ ।

ନେପାଳରୁ ଆସିଥିବା ଉର୍ଦ୍ଦୁ କବି ନେମତ ରିଜ୍‌ୱିଙ୍କୁ 'ତର୍ଜୁମାନ ନ୍ୟୁଜ୍ ଟାଇମ୍' ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା

ବାଲେଶ୍ୱର , ୨୧/୧୧ (ନି.ପ୍ର): ନେପାଳରୁ ଆସିଥିବା ଉର୍ଦ୍ଦୁ କବି ନେମତ ରିଜ୍‌ୱିଙ୍କୁ 'ତର୍ଜୁମାନ ନ୍ୟୁଜ୍ ଟାଇମ୍' ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ଏକ ସମାବେଶର ଆୟୋଜନ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ନିକା ମହଲର ସମ୍ମିଳନୀକକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ ପ୍ରତିଭା ଜନାବ ନିୟାମତ ରିଜ୍‌ଭି କହିଥିଲେ କି, ବାଲେଶ୍ୱର ସାରା ବିଶ୍ୱରେ ମିଜାଇଲ୍ ସିଟି ଭାବେ ସୁଖ୍ୟାତି ଅର୍ଜନ କରିଥିବାରୁ ସେ ଏହି ସହରକୁ ବୁଲିବାକୁ ଆସିଥିଲେ । ତେବେ ଆଜିର ସମ୍ବର୍ଦ୍ଧନା ସଭାରେ ବହୁ ଉର୍ଦ୍ଦୁ ଭାଷାଭାଷୀ ଲୋକଙ୍କୁ ଦେଖିବା ପରେ ଏହି ଜିଲ୍ଲାରେ ଉର୍ଦ୍ଦୁ ସମେତ ଅନ୍ୟାନ୍ୟ ଭାଷାର ସାହିତ୍ୟ ଓ କବିତା ନିଶ୍ଚିତ ଭାବେ ଆଗକୁ ଅଗ୍ରସର ହୋଇପାରିବ । ତେବେ ଏଥିପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି । ଏହା ସହିତ ତର୍ଜୁମାନ ନ୍ୟୁଜ୍ ଟାଇମର ସମ୍ପାଦକ କବି ଅଜିମ ବାଲେଶ୍ୱରୀଙ୍କ ଏଭଳି ଉର୍ଦ୍ଦୁ ସାହିତ୍ୟ ପ୍ରତି ଥିବା ଆଗ୍ରହ ନିଶ୍ଚିତ ଭାବେ ଜିଲ୍ଲାର ସାହିତ୍ୟିକ ଓ ପାଠକମାନଙ୍କୁ ପ୍ରଭାବିତ କରିବ । କବି ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ପ୍ରତିଭା ନିୟାମତ୍ ରିଜ୍‌ଭି ଶ୍ରୋତାମାନଙ୍କୁ କେତେକ ସାୟରୀ ଶୁଣାଇ ମନ୍ତ୍ରମୁଗ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବଳାଙ୍ଗୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ରତ୍ନାକର ସିଂହ, ମୁସଲିମ୍ ଓ୍ୱେଲଫେୟାର ସୋସାଇଟି ସଭାପତି ମହମ୍ମଦ୍ ମୁଖଦାର ଅହମ୍ମଦ, ଯୁବ ବ୍ୟବସାୟୀ ସଲିମ ସୁବାସା, ଉର୍ଦ୍ଦୁକବି ନୁର୍ ବକ୍ସ ନୁର, ମହମ୍ମଦ ମୁନୀବ, ମହମ୍ମଦ କାମିଲ ଲାଲବାବୁ ପ୍ରମୁଖ ଉର୍ଦ୍ଦୁ ସାହିତ୍ୟ, କବିତା ଓ ପ୍ରବନ୍ଧ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତର୍ଜୁମାନ ନ୍ୟୁଜ ଟାଇମର ସମପାଦକ ଅଜିମ୍ ବାଲେଶ୍ୱର ପରିଚାଳନା କରିଥିବାବେଳେ ତୌସିଫ୍ ଆଲମ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ବର୍ଦ୍ଧନା ସଭା ପ୍ରାରମ୍ଭରେ ନାତ୍ ଏ-ପାକ୍ ସମ୍ପନ୍ନ କରାଯାଇଥିଲା ।

ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ପ୍ରତିଭା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୨୧/୧୧ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ପ୍ରତିଭା ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ କ୍ରୀଡା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି ! ଉକ୍ତ ଦିବସରେ କ୍ରୀଡା କ୍ଷେତ୍ରରେ ବିଭିନ୍ନ ବିଭାଗରେ ଦୌଡ଼, ଢ଼ିସକସ, ଜେବଲିନ, ହାଇଜମ୍ପ ଶତାଧିକ ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି ! ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡା ଏହାକୁ ମଶାଲ ଜଳାଇ ଉଦଘାଟିତ କରିଥିଲେ ! ଶହେ ମିଟର ଦୌଡରେ ଦୁଲାରୀ ମାଝୀ ପ୍ରଥମ, ଛବିରାଣୀ ନାୟକ ଦ୍ୱିତୀୟ ଓ ରାଜଲକ୍ଷ୍ମୀ ସିଂ ତୃତୀୟ ହୋଇଥିବାବେଳେ ଦୁଇଶହ ମିଟର ଦୌଡରେ ରାଜଲକ୍ଷ୍ମୀ ସିଂ ପ୍ରଥମ, ଛବିରାଣୀ ନାୟକ ଦ୍ୱିତୀୟ ଓ ଯଶ୍ମିନ ମାଝୀ ତୃତୀୟ ସ୍ଥାନ ହାସଲ କରିଥିଲେ ! ସେହିପରି ଜେବଲିନ ଥ୍ରୋ ରେ ବର୍ଷା ପ୍ରିୟଦର୍ଶିନୀ ସ ପ୍ରଥମ, ଶୁଭସଂଗୀତା ବିଶ୍ୱାଳ ଦ୍ୱିତୀୟ ଓ ପୂଜା ସିଂ ତୃତୀୟ ହୋଇଥିବାବେଳେ ସଟଫୁଟ ରେ ଜୟନ୍ତୀ ସିଂ ପ୍ରଥମ, ବର୍ଷା ସ ଦ୍ୱିତୀୟ ଓ ରୀତା ସିଂ ତୃତୀୟ ସ୍ଥାନ ହାସଲ କରିଥିଲେ ! ସେହିପରି ଢ଼ିସକସ ଥ୍ରୋ ରେ ହାସ୍ୟସ୍ମିତା ମିଶ୍ର ପ୍ରଥମ, ଉର୍ମିଳା ସିଂ ଦ୍ୱିତୀୟ ଓ ପୂଜା ସିଂ ତୃତୀୟ ହୋଇଥିବାବେଳେ ହାଇଜମ୍ପ ରେ ହାସ୍ୟସ୍ମିତା ମିଶ୍ର ପ୍ରଥମ, ଶୁଭସଂଗୀତା ବିଶ୍ୱାଳ ଦ୍ୱିତୀୟ ଓ ରାଜଲକ୍ଷ୍ମୀ ସିଂ ତୃତୀୟ ସ୍ଥାନ ହାସଲ କରିଥିଲେ ! ଆସନ୍ତା କାଲି ଚାରିଶହ ମିଟର ଦୌଡ଼, ଆଠଶହ ମିଟର ଦୌଡ଼, କବାଡି, କ୍ରିକେଟ, ଫୁଟବଲ, ଲଙ୍ଗଜମ୍ପ, ସ୍କିପିଙ୍ଗ ଖେଳ ହେବ ବୋଲି ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ପଣ୍ଡା ସୂଚନା ଦେଇଛନ୍ତି ! ଉକ୍ତ କାର୍ଯ୍ୟକ୍ରମକୁ ଖେଳ ପ୍ରଶିକ୍ଷକ ବୀଣାପାଣି ଦାସ ପରିଚାଳନା କରୁଥିବାବେଳେ ଅନ୍ୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

ସମାଜସେବୀ ଅରୁଣ ବେଜଙ୍କ ପରଲୋକ

ଜଳେଶ୍ୱର , ୨୧/୧୧ (ନି.ପ୍ର): ଜଳେଶ୍ୱରର ବିକାଶ କ୍ଷେତ୍ରରେ ପ୍ରଚେଷ୍ଟା ଜାରି ରଖିଥିବା ଅରୁଣ କୁମାର ବେଜଙ୍କ ଆଜି ସକାଳ ୭.୨୨ମି.ରେ ନିଜ ବାସଭବନରେ ପରଲୋକ ଘଟିଛି । ଅନ୍ୟପକ୍ଷରେ ବିଜେପିର ବରିଷ୍ଠ ନେତା ଭାବେ ପରିଚିତ ଅରୁଣ ବେଜ ଆଜି ୬୪ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଆଜି ସକାଳେ ତାଙ୍କ ସୁସ୍ଥତା ବଢିବାରୁ ଜିକେ ଭଟ୍ଟର ହସ୍‌ପିଟାଲକୁ ଚିକିତ୍ସାଲାଗି ଅଣାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ପରଲୋକରେ ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ଏସ୍‌ଡିପିଓ ଦିଲ୍ଲିପ ସାହୁ, ବିଜେପି ସଭାପତି ମନମହନ ସାମଲ, ସାଂସଦ ପ୍ରତାପ ଷଡଙ୍ଗୀ, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ଗୋବିନ୍ଦ ଦାସ, ଶୁଭଙ୍କର ମହାପାତ୍ର, ସିପ୍ରା ବାଜପେୟୀ, ସୋଭନା ମହାନ୍ତି, ସୁଷମା ବିଶ୍ୱାଳ, ମାନସ ଦତ୍ତପ୍ରମୁଖ ତାଙ୍କର ଶେଷ ଦର୍ଶନ କରି ଶୋକବ୍ୟକ୍ତ କରିଛନ୍ତି । ବିଜେପି ଦଳ ପକ୍ଷରୁ ତାଙ୍କ ମର ଶରୀର ଉପରେ ବିଜେପି ପତାତାକୁ ଜିଲ ସଭାପତି ଶ୍ରୀ ମହାପାତ୍ର ଅବୃତ କରିଥିଲେ । ତାଙ୍କ ଷ୍ଟେସନବଜାରସ୍ଥିତ ବାସଭବନରୁ ଏକ ବିରାଟ ପଟୁଆରରେ ତାଙ୍କୁ ସହର ଓ ନିଜ ଗ୍ରାମ ଶାନ୍ତିଆରେ ପରିକ୍ରମା କରାଯିବା ବେଳେ 'ଅରୁଣ ବେଜ ଅମର ରହେ' ଧ୍ୱନୀରେ ସହର ମୁଖରିତ ହୋଇଥିଲା । ଶେଷରେ ଗାଁ ଶ୍ମଶାନରେ ବଡପୁଅ ସତ୍ୟଜିତ ମୁଖାଗ୍ନି ଦେଇଥିବା ବେଳେ ତାଙ୍କ ମୃତ୍ୟଶଯ୍ୟା ନିକଟରେ ସାନପୁଅ ବିଶ୍ୱଜିତ, ଝିଅ ଶୁଭଶ୍ରୀ, ସାନପୁଅ ବିଶ୍ୱଜିତ୍, ଦୁଇ ବୋହୂ, ନାତିନାତୁଣୀ ଓ ବିଧବାପତ୍ନୀ ଉପସ୍ଥିତ ଥିଲେ ।

ମାନସିକ ବିକାର ଗ୍ରସ୍ତ ବାପାକୁ ପିଟି ପିଟି ମାରିଦେଲେ ପୁଅ ବୋହୂ : ଅଭିଯୋଗ ଆଣିଲେ ମୃତକଙ୍କ ଝିଅ

ନୀଳଗିରି, ୨୧/୧୧ (ନି.ପ୍ର): ବାପାକୁ ପିଟିପିଟି ମାରିଦେଲେ ପୁଅ ବୋହୂ । ଏଭଳି ଅଭିଯୋଗ ଆଣିଛନ୍ତି ମୃତକଙ୍କ ଝିଅ। ଏଭଳି ଅଭିଯୋଗ ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧିନ ଓତାସାହି ଅଞ୍ଚଳରୁ ଆସିଛି। ସୂଚନାଯୋଗ୍ୟ ଔପଦା ବ୍ଲକ ଅଧିନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଓତାସାହି ଗ୍ରାମର ରାମଚନ୍ଦ୍ର ପଣ୍ଡାଙ୍କର ଦେହାନ୍ତ ହୋଇଥିଲା। ତେବେ ତାଙ୍କର ମୃତ୍ୟୁ କେବେ ଓ କିଭଳି ହେଲା ଜଣା ପଡିନଥିବା ବେଳେ ଶବ ଦେହରୁ ଦୁର୍ଗନ୍ଧ ବାହାରୁଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ତାଙ୍କର ମରଶରୀରକୁ ସ୍ୱର୍ଗଦ୍ୱାର ଅନ୍ତିମ ସଂସ୍କାର ପାଇଁ ନେବାପାଇଁ ସଜବାଜ ହେଉଥିଲା ବେଳେ ଉକ୍ତ ଗ୍ରାମରେ ପ୍ରେମ ବିବାହ କରିଥିବା ଝିଅ ସୁକାନ୍ତି ଜାଣିବାକୁ ପାଇଥିଲେ। ପରେ ନିକଟସ୍ଥ ଇଶ୍ୱରପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ତାଙ୍କ ଭାଇ ଓ ଭାଉଜ ତାଙ୍କ ମାନସିକ ବିକାର ଗ୍ରସ୍ତ ବାପାଙ୍କୁ ପିଟି ପିଟି ମାରିଥିବା ଅଭିଯୋଗ କରିଛନ୍ତି ଝିଅ ସୁକାନ୍ତୀ ଦାସ ।ନୀଳଗିରି ପୋଲିସ ଅଭିଯୋଗ ପାଇଲା ପରେ ତଦନ୍ତ ଜାରି ରଖିଥିବା ବେଳେ ଅଧା ରାସ୍ତାରୁ ଶବକୁ ଜବତ କରାଇ ପୋଷ୍ଟମୋଟମ ପାଇଁ ନୀଳଗିରି ଡାକ୍ତରଖାନା ଆଣିଛି। ତେବେ ତାଙ୍କ ପୁଅଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ଅପମୃତ୍ୟୁ ମାମଲା ପୋଲିସ୍ ଦର୍ଜ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ଆଂଟିବାୟୋଟିକ ପ୍ରତିରୋଧ ଏକ ବିଶ୍ୱ ସମସ୍ୟା : ଶୋଭା

ଉଦଳା , ୨୧/୧୧ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ତରଫରୁ ଚଳିତ ନଭେମ୍ବର ୧୮ ତାରିଖ ଶନିବାର ଦିନ ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ଠାରେ ୟୁଏସ୍‌ଏଆଇଡ଼ି ସହାୟତାରେ ଆଂଟିବାୟୋଟିକର ବ୍ୟବହାର ଓ ଏହାର ଭୟାବହତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଉଦଳା ବ୍ଲକର ଆଡ଼ିସନାଲ ଭିଏସ୍ ଗିରିଜାଶଂକର ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆଂଟିବାୟୋଟିକର ବ୍ୟବହାର, ଏହାର ଉତ୍ସ, ଔଚିତ୍ୟତା ଓ ଭୟାବହତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରକଳ୍ପ ସଂଯୋଜକ ଅଶୋକ କୁମାର ମହାନ୍ତି ଗୋଟିଏ ସପ୍ତାହ ଧରି ସାରା ବିଶ୍ୱରେ କିପରି ଏହି ସଚେତନତା କାର୍ଯ୍ୟକ୍ରମ ଜାରୀ ରହିଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଯଦି ଆମେ ସମସ୍ତେ ଆଂଟିବାୟୋଟିକର ଠିକ୍ ବ୍ୟବହାର ସମ୍ପର୍କରେ ସଚେତନ ଓ ଦାୟିତ୍ୱବୋଧ ନହେବା ତାହେଲେ ପରିସ୍ଥିତି ଭୟାବହ ହେବ ଏବଂ ମାନବ ସଭ୍ୟତାକୁ ଏଥିପାଇଁ ବହୁମୁଲ୍ୟ ଦେବାକୁ ପଡ଼ିବ ବୋଲି ବ୍ୟକ୍ତ କରିଥିଲେ । ଶୋଭାର ସଂଯୋଜକ ଅରବିନ୍ଦ ବିଦ୍ଧାଣୀ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ କବିତା, ସୁରାଏ, ରଶ୍ମିତା, ଯମୁନା, ସାଗର ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ପଂଜୀକୃତ ହୋଇଛନ୍ତି ୭୦୬୩ କର୍ମଜୀବୀ ସାମ୍ବାଦିକ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ଏବର୍ଷ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନା ପୋର୍ଟାଲ ଦ୍ୱାରା ୭୦୬୩ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ସେମାନଙ୍କ ଯ